Bastabatara Pariprakash
PRACHEE ■ Vol. 1 ■ Issue - 5 ■ August 2015 ■ Title Code : ODIODI07446

ଅଗଷ୍ଟ ୨୦୧୫
୨୫ ଟଙ୍କା
www.pracheevoice.in

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ





[illegible]

# ପ୍ରାଚୀ

ସମ୍ପାଦକ :

[illegible]

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତ ଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ତ୍ରିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା 'ପ୍ରାଚୀ' ର ପଞ୍ଚମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି 'ପ୍ରାଚୀ' ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ 'ପ୍ରାଚୀ'ର ଜନ୍ମ, ବାକ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶଙ୍ଖ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ 'ପ୍ରାଚୀ' ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

ସଂପାଦକ

# 'ପ୍ରାଚୀ'ର କଲମ

ପ୍ରାଚୀର ଗୋଟିଏ ଜିଦ୍ ଆମେ ମାଙ୍କଡ଼ମାନଙ୍କୁ ପାଠ ପଢ଼ାଇବା । ମୁଁ ସବୁବେଳେ ତା ଜିଦ୍ ଆଗରେ ହାର ମାନେ । ସେ ଭୁଲ କହିଲେ ବି ମୁଁ ତାକୁ ମୁଣ୍ଡପାତି ଶୁଣେ ଏବଂ ତା ବିଷୟରେ ବହୁତ ଭାବେ । କାରଣ ତା' ପ୍ରତି ବିଶ୍ୱାସ ଏବଂ ଭଲପାଇବା ଏତେ ଥାଏ ଯେ, ମୁଁ ସବୁବେଳେ ତାଭୁଲ୍‌ରୁ ଠିକ୍‌କୁ ଖୋଜି ବୁଲେ । ସେମିତି ଏହି ମାଙ୍କଡ଼ କଥା ମୁଁ ଭାବି ଭାବି ବହୁଦିନ ବିତିଗଲା । ମନକଥା ମନରେ ରହିଲା । ମନକୁ ପୁଣି ଆସିଲା, ଯଦି ମାଙ୍କଡ଼ମାନଙ୍କୁ ପଢ଼ାଇପାରିବା ନାହିଁ, ଆମେ କ'ଣ ମାଙ୍କଡ଼ ପାଇଁ କଥା କହିପାରିବା ନାହିଁ ? ତେଣୁ ପ୍ରାଚୀର କଥାରୁ 'ପ୍ରାଚୀ' ର ସୃଷ୍ଟି ହେଲା । ଏହି ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବେତର ମାନଙ୍କ ପାଇଁ ଏକ ଆଶର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ଏହି ପତ୍ରିକାର ପ୍ରଥମ ସୃଷ୍ଟିରେ ୧୨ଟି ଚରିତ୍ରର ହୃଦୟୋଚ୍ଛାସ ଦିଆଯାଇଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚି ରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳ୍ପନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ବିଧାତାର ବିଧାନ ସାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ବୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡେ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୂରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

**ପ୍ରାଚୀ**

Vol.-1, August, 2015, Issue No. V

Title Code : ODIODI07446

**ପ୍ରାଚୀ ପରିବାର :**

ଉପଦେଷ୍ଟା :
**କୃଷ୍ଣ ଚନ୍ଦ୍ର ଦାସ**

ସମ୍ପାଦକ :
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

ସମ୍ପାଦନା ସହଯୋଗୀ :
**ପ୍ରାଚୀ ପ୍ରସୂନ**

ସହ ସମ୍ପାଦକ :
**ଡ. ନିରୋଦ କୁମାର ମନ୍ତ୍ରୀ**

ପରିଚାଳନା ସମ୍ପାଦିକା :
**ପ୍ରଜ୍ଞା ପରିମିତା**

ଉପସ୍ଥାପନା :
**ମମତା ଖଣ୍ଡାୟତରାୟ**

ଡିଟିପି :
**ମନୋଜ କୁମାର ଦାସ**

ପ୍ରଚ୍ଛଦ :
**ବିଭୁପ୍ରସାଦ ନାୟକ**

ଅଳଙ୍କରଣ :
**ବିଜୟ କୁମାର ସାହୁ**

ବିଜ୍ଞାପନ ଅଧିକାରୀ :
**ରାମଚନ୍ଦ୍ର ବିଶ୍ୱାଳ**

ବିତରଣ ଅଧିକାରୀ :
**ପ୍ରଦୀପ୍ତ କୁମାର ପାଢ଼ୀ**

ମୁଦ୍ରଣ :
**ଲକ୍ଷ୍ମୀ ଅଫସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

**ପ୍ରାଚୀ ସାହିତ୍ୟ ସମାଜ**
ସଭାପତି :
**ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**

**Declaration**
**Edited & Published by :**
**Dr. Bibhudatta Khandayatray**

Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheevoice.in

# ଏଇ ସଂଖ୍ୟାରେ...

- ଆଶ୍ରମ
  ବନଲତା ସିଂହ ୫
- ମହତ କାମ
  ସୋମାଆନନ୍ଦ ଚୌଧୁରୀ ୬
- ଗଛଟିଏ ମୋର ନାମ
  ବିଭୁପ୍ରସାଦ ନାୟକ ୭
- ୱାଚ୍ ମ୍ୟାନ୍
  ମମତା ଖଣ୍ଡାୟତରାୟ ୮
- ମା'ଙ୍କେଳିର ଅନୁଚିନ୍ତା
  ଡ. ଆର୍ଯ୍ୟକୁମାର ହର୍ଷବର୍ଦ୍ଧନ ୯
- ଅନନ୍ତ ପ୍ରତୀକ୍ଷା
  ପ୍ରଜ୍ଞାପରମିତା ୧୦
- ସବର୍ଣ୍ଣ, ଅସବର୍ଣ୍ଣ ଏକ ମାନସିକତା
  ପ୍ରଣବ ନନ୍ଦୀ ୧୨
- ପଚାରନା ମୋତେ କାହେ କାହିଁକି ?
  ଗୀତାଞ୍ଜଳୀ ନାୟକ ୧୪
- ଅବାଞ୍ଛିତ ମାତୃତ୍ୱର ଅକାଳ ମୃତ୍ୟୁ
  ଡକ୍ଟର ଦୀପକ କୁମାର ଦାସ ୧୬
- ପ୍ରତାରଣାର ଅନ୍ୟନାମ ବିଶ୍ୱାସଘାତକତା
  ସୌଦାମିନୀ ଦାସ ୧୮
- ନିର୍ଦ୍ଦୟ
  ନିରୋଦ କୁମାର ମନ୍ତ୍ରୀ ୨୨



# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ ।
- ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତା ଥାଏ ତାହା ଏଥିରେ ପ୍ରକାଶ ପାଇବ ।
- ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ । ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ ।
- ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ ।
- ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**


**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**ଏହାକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................

ଜିଲ୍ଲା.................................................................... ପିନ୍‌କୋର୍ଡ଼ ..................................

ମୋବାଇଲ୍ ନମ୍ବର ............................................. ଇ-ମେଲ୍ ..............................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ମନିଅର୍ଡର)**

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍ ନଂ : ୯୧୨୪୮୮୭୬୦୫, ୯୫୮୩୩୯୦୭୭୬

E-mail : pracheepatrika@rediffmail.com, Web. : www.pracheevoice.com

# ଆଶ୍ରମ

ବନଲତା ସିଂହ

ଆଶ୍ରମ କେତେ ପ୍ରକାରର, ଆଧ୍ୟାତ୍ମିକ ଶିକ୍ଷା ସହ ଯେଉଁଠି ସବୁ ପ୍ରକାର ଶିକ୍ଷା ଦିଆଯାଏ ତାକୁ ଗୁରୁକୁଳ ଆଶ୍ରମ କୁହାଯାଏ । ଅନାଥ ପିଲାଙ୍କୁ ଯେ, ଲାଳନ ପାଳନ କରନ୍ତି ତାକୁ ବାଳାଶ୍ରମ ବା ଅନାଥା ଆଶ୍ରମ କହନ୍ତି । ସେହିପରି ଗୋରୁଗାଈ ପାଇଁ ଯେଉଁ ଆଶ୍ରମ ତାକୁ ଗୋଶାଳା କହନ୍ତି । ଏବେ ଗଢ଼ି ଉଠିଛି ଜରା ଆଶ୍ରମ - ବୃଦ୍ଧ, ବୃଦ୍ଧା, ଦୁଃସ୍ଥ, ପତିତା, ବିଧବାମାନଙ୍କୁ ନେଇ ଯେଉଁ ଆଶ୍ରମ ଗଢ଼ି ଉଠିଛି ତାହା ସ୍ୱାଗତ ଯୋଗ୍ୟ । କହନ୍ତି ମାନବ ସେବା, ମାଧବ ସେବା । ଯେଉଁ ସରକାରୀ ଓ ବେସରକାରୀ ସଂସ୍ଥା ଏପରି କରିଛନ୍ତି ସେମାନେ ପ୍ରଶଂସିତ ହେବା କଥା । କାରଣ କେତେ ଅମୂଲ୍ୟ ଜୀବନ ଅକାଳରେ ଝଡ଼ିଯିବା ପୂର୍ବରୁ ସେ ତାକୁ ଥଇଥାନ କରି ତାକୁ ସମାଜରେ ପ୍ରତିଷ୍ଠିତ କରାଇ ପାରୁଛନ୍ତି । ଏଣୁ ସେ ଆମ ସମସ୍ତଙ୍କର ପ୍ରଣମ୍ୟ ।

ଏସବୁ ପରେ ମଧ୍ୟ ଏକ ସୁନ୍ଦର ଆଶ୍ରମ ଅଛି, ସେ ଗୋଟିଏ ଏପରି ଆଶ୍ରମ ଯେ ସେଠାରେ, ଯେଉଁଠି ଯେତେ ଆଶ୍ରମ ଭିନ୍ନ ଭିନ୍ନ ପ୍ରଣାଳୀରେ ଗଢ଼ି ଉଠି, ସବୁ ଗୁଡ଼ିକ ସେହି ଆଶ୍ରମରେ ହୋଇପାରିବ, ତା'ର ନାଁ ଗୃହସ୍ଥାଶ୍ରମ । ବୈକୁଣ୍ଠ ସମାନ ଆହା ଅଟେ ସେହିଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର । ସୁନ୍ଦର ପରିବାର ଟିଏ ଯଦି ଗଢ଼ାଯାଇ ପାରନ୍ତା, ତେବେ ସେଠାରେ ଆଧ୍ୟାତ୍ମିକ ଠାରୁ ଆରମ୍ଭ କରି, ପଶୁ ପକ୍ଷୀ, ବାଳ ଗୋପାଳ ଓ ଜରା ପର୍ଯ୍ୟନ୍ତ ସମସ୍ତେ ସେବା ପାଇ ପାରନ୍ତେ । ଏକ ଗୃହିଣୀ ଚାହିଁଲେ, ଭଲ ମାଆ ହେବା ସଙ୍ଗେ ସଙ୍ଗେ, ଭଲ ବୋହୂ, ଭଲ ଶିକ୍ଷୟତ୍ରୀ, ଭଲ ସେବିକା ଓ ସନ୍ୟାସିନୀ ହୋଇ ସଂସାରର ଗୃହସ୍ଥାଶ୍ରମକୁ ସ୍ୱର୍ଗର ବୈକୁଣ୍ଠପୁର କରିପାରବ । ଖାଲି ଟିକେ ସ୍ନେହ, ପ୍ରେମ, ତ୍ୟାଗ, ଆଦର୍ଶ ଓ ସହିଷ୍ଣୁତାରେ ସେ ସୃଷ୍ଟି କରିବ ଦ୍ୱିତୀୟ ସ୍ୱର୍ଗ, ଯେଉଁଥି ପାଇଁ ସ୍ୱର୍ଗର ଦେବତାମାନେ ବି ଫିକା ପଡିଯିବେ । ଦେବତାମାନେ ତ କେବଳ ସୁଖ ଖୋଜନ୍ତି, କିନ୍ତୁ ଆମେ ଦୁଃଖ ନଚାଖିଲେ, ସୁଖକୁ ଅନୁଭବ କରି ପାରିବାନି ।

ତେଣୁ ସୁଖ ଦୁଃଖ ସବୁ ସହିଲେ ସଂସାର ସୃଷ୍ଟି ହୁଏ । ଲୋକେ କହିବେ.... କହିବା ତ ସହଜ, କିନ୍ତୁ ଯିଏ ବି କହିବେ ସେ ମଧ୍ୟ ଏ ସଂସାରର ଲୋକ । ଘରେ ଘରେ ଯଦି ଏହିପରି ଦିବ୍ୟ ପରିବାର ସୃଷ୍ଟି ହୁଅନ୍ତେ..... ତାହେଲେ ସ୍ୱର୍ଗ ଆଉ କେତେଦୂର... ? ସଭା, ସମିତି, କ୍ଲବ୍, ପ୍ରବଚନରୁ ସ୍ନେହ, ପ୍ରେମ ସୃଷ୍ଟି ହୁଏନା, ନିଜେ ବୁଝି ଅନ୍ୟକୁ ବୁଝାଇ କାର୍ଯ୍ୟରେ କରିବା ଓ କରାଇବା ତ ହେଲେ ଆଜି ନ ହେଲେ ବି କାଲି ନିଶ୍ଚୟ ହେବ । ଚାଲନ୍ତୁ ଆମ୍ଭେ ଓ ଆମ୍ଭେମାନେ ; ତୁମେ ଓ ତୁମ୍ଭେମାନେ ; ସେ ଓ ସେମାନେ ମିଶି ଏହାକୁ ବିଚାର କରିବା । ଗୋଟିଏ ଗୃହସ୍ଥାଶ୍ରମରେ ସବୁ ଆଶ୍ରମର ବିଧିବିଧାନ କରିଲେ ଏତେ ଧନର ଆବଶ୍ୟକ ପଡ଼ନ୍ତାନି । ଏତେ ପରିଶ୍ରମ ପାଇଁ ଲୋକେ ଦେଶ ଛାଡ଼ି ବିଦେଶକୁ ଯାଆନ୍ତେନି । ଘର ଡିହକୁ ପତିଆ ପକାଇ ସହରାଭିମୁଖୀ ହୁଅନ୍ତେନି, ଆସ ସଭିଏଁ ଅତ୍ୟନ୍ତ, ନିଜକୁ ସମୀକ୍ଷା କରି ଆଗକୁ ବଢ଼ିବା ଆଉ ଗଢ଼ି ଦେବା ସୁନ୍ଦର ଗୃହସ୍ଥାଶ୍ରମ ।

ଗଣ୍ଡରପୁର, କଟକ, ମୋ : ୮୭୬୩୯୬୬୧୦୩

# ମହତ କାମ

[illegible] ଆନନ୍ଦ ଚୌଧୁରୀ

ସକାଳୁଆ ସ୍କୁଲ୍ ହୋଇଥାଏ, ପିଲାମାନେ ଖେଳ କଉତୁକ କରି କରି ସ୍କୁଲକୁ ଯାଉଥାଆନ୍ତି, ରାମୁ ମଧ୍ୟ ପିଲାଙ୍କ ସହିତ ସ୍କୁଲ ଯାଉଥାଏ। ସେ ସମସ୍ତଙ୍କ ମଧ୍ୟରେ ଭିନ୍ନ ଥିଲା, ପିଲାଙ୍କ ସାଥୀରେ ମିଶି ଦୁଷ୍ଟାମି କରିବାକୁ ସେ ଭଲପାଉ ନଥିଲା। ଏମିତି ବାଟରେ ଯାଉ ଯାଉ ଦେଖିଲା ଜଣେ ରୋଗିଣୀ ସ୍ତ୍ରୀଲୋକ ଟି କିଛି ସାହାଯ୍ୟ ମାଗୁଥିଲା। ସବୁପିଲା ତାକୁ ଦେଖି, କିଏ ଖତେଇ ହେଉଥିଲା ତ କିଏ ତା ସହିତ ମଜା କରୁଥିଲା, କିଏ ଦେଖି ନ ଦେଖିଲା ପରି ଚାଲିଯାଉ ଥିଲା। କିନ୍ତୁ ଯାଇ ପାରିଲାନି ରାମୁ, ରୋଗିଣୀକୁ ଦେଖି ତା'ର ହୃଦୟ ଦୟାରେ ଘାଣ୍ଟି ହେବାକୁ ଲାଗିଲା। ସେ ପକେଟରେ ହାତ ମାରିଲା, ସ୍କୁଲ୍ ଆସିଲା ବେଳେକୁ ମାଆ ଗଣେଶ ପୂଜା ଚାନ୍ଦା ପାଞ୍ଚ ଟଙ୍କା ଦେଇଥିଲେ, ସେ ଭାବିଲା ଆଜି ନଦେଲେ କାଲି ଦେଲେ ଚଳିବ। ମୁଁ ମା'ଙ୍କୁ ସତକଥା କହି ବୁଝାଇ ଦେବି। ରାମୁ ପାଞ୍ଚ ଟଙ୍କା ପକେଟରୁ ବାହାର କରି ସେ ରୋଗିଣୀକୁ ଦେଇଦେଲା। ରୋଗିଣୀଟି ବହୁତ ଆଶୀର୍ବାଦ ଦେଲା। ରାମୁର ହୃଦୟ ଆନନ୍ଦରେ ଭରିଗଲା। ସେ ଭଗବାନଙ୍କୁ ପ୍ରାର୍ଥନା କଲା ପ୍ରଭୁ ରୋଗିଣୀକୁ ଭଲ କରିଦିଅ।

କିଛି ଦୂର ଗଲାପରେ ଦେଖିଲା ଅନ୍ଧଟିଏ ବାଟ ଭଣ୍ଡାଳି ହେଉଛି, ରାମୁ ଦଉଡ଼ି ଯାଇ ତା ହାତକୁ ଧରି ରାସ୍ତାପାରି କରିଦେଲା, ଅନ୍ଧଟି ମଧ୍ୟ ଆନନ୍ଦରେ ଆଶୀଷ ଦେଲା। ରାମୁ ଆନନ୍ଦରେ ଆଗକୁ ଚାଲିଲା। ଆଉଟିକେ ଆଗକୁ ଯାଇ ଦେଖିଲା ଗୋଟିଏ ଆହତ ବଗଟିଏ ପଡି ଛଟପଟ ହେଉଛି। ଶୋଷରେ ତା ପ୍ରାଣ ଛଟପଟ ହେଉଛି, ଦୁଷ୍ଟ ପିଲାମାନେ କିଏ ଟେକା ପକାଉଛି ତ କିଏ ଧୂଳି ଫୋପାଡୁଛି, କିଏ ବା ବଗଟିର ଗୋଡ ସହିତ ପେଟରେ କିଛି ଖାଇ ନାହିଁ। ସେ କିଛି କହି ପାରୁନି, ବିକଳରେ ଆଁ କରି ଚାହୁଁଛି। ରାମୁ ଦେଖିକରି ତା ଦେହ କ'ଣ ହୋଇଗଲା। ସେ ଦଉଡ଼ିଯାଇ ପିଲାଙ୍କୁ ଘଉଡ଼ାଇ ପାଖ ନାଳରୁ ଟିକିଏ ପାଣି ଆଣି ତା ପାଟିରେ ଦେଲା, ତାକୁ କୋଳରେ ଧରି ଘରକୁ ନେଇ ଆସିଲା।

ଘରେ ମା'ଙ୍କୁ ସବୁ ସତ କଥା କହିଲା। ଏହି ସବୁ ଦୃଶ୍ୟ ଦେଖି ସେ ଆଜି ସ୍କୁଲକୁ ଯାଇ ପାରିନାହିଁ ବୋଲି ମା'ଙ୍କୁ କ୍ଷମା ମାଗିଲା। ପରେ ମା'ଙ୍କୁ କହି କିଛି ହଳଦି ଆଣି ବଗର ଗୋଡ଼ ଆଘାତରେ ଲଗାଇ ଦେଲା। କିଛି ସମୟ ପରେ ବଗଟି ଉଡିବାକୁ ଚେଷ୍ଟାକଲା। ସେ ବଗଟିକୁ ନେଇ ବଗିଚାରେ ଛାଡ଼ିଦେଲା। ଅତି ଆନନ୍ଦରେ ବଗଟି ମୁକ୍ତ ଆକାଶରେ ଉଡି ଉଡି ଚାଲିଗଲା। ଅତି ଖୁସି ମନରେ ରାମୁ ଚାହିଁ ରହିଥିଲା.... ମା'ଙ୍କ ଫେରିବା ପଥକୁ। ମାଆ ଆସି ହଲାଇ ଦେଲେ ରାମୁକୁ, ରାମୁ ମା'ଙ୍କୁ କୁଣ୍ଢାଇ ପକାଇ କହିଲା.... ମା'... ଗୋଟିଏ ଭୁଲ୍ କରିଛି, ଆଜି ସ୍କୁଲକୁ ଯାଇନି ମୋତେ କ୍ଷମା କରିଦିଅ। ମାଆ ରାମୁର ମୁଣ୍ଡ ଆଉଁସି ଆଉଁସି କହିଲେ ....

ଧନରେ .... ତୁ କିନ୍ତୁ ଗୋଟିଏ ଭୁଲ୍ କରିଛୁ, କିନ୍ତୁ ତିନୋଟି ମହତ କାମ କରିଛୁ। ରୋଗିଣୀକୁ ଦାନ କରିଛୁ, ଅନ୍ଧକୁ ବାଟ ପାରି କରାଇଛୁ, ଆଉ ବଗଟିକୁ ଜୀବନ ଦେଇଛୁ। ତୁ ତିନୋଟି ମହତ କାମ କରି ଆଜି ସୁନା ପୁଅର ପ୍ରମାଣ ଦେଇଛୁ। ଜୀବନ ସାରା ଏହିପରି ମହତ କାମ କର, ଏହା ମୋର ପ୍ରଭୁଙ୍କ ପାଖରେ କୋଟି କୋଟି ପ୍ରାର୍ଥନା .......।

ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

# ଗଛଟିଏ ମୋର ନାମ

ବିଭୁପ୍ରସାଦ ନାୟକ

ମୁଁ ଗଛ, ସୃଷ୍ଟି ଆରମ୍ଭରୁ ମୋର ଜନ୍ମ, ଅଗ୍ନି ମୋ ଠାରୁ ଜନ୍ମ, ମୋର ରୂପ ଅନେକ, ନାମ ଅନେକ, ଗୁଣ ମଧ୍ୟ ଅନେକ। ମୋ ଦେହରେ ମଧୁର, ତିକ୍ତ, କଷା ରସ ପ୍ରବାହିତ। ମୋର ସମସ୍ତ ଅଙ୍ଗ, ପ୍ରତ୍ୟେଙ୍ଗ ଦରକାରୀ। ମୁଁ କେବଳ ଜଗତର ଉପକାର କରେ। ମୋର ଶୁଖିଲା ଅଂଶ ଇନ୍ଧନ କାମରେ ଲାଗେ, ଦେବତା ପୂଜା, ହୋମ ଆଦି କାର୍ଯ୍ୟରେ ମୋର କାଠ ନିହାତି ଦରକାର। ମାନବ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ମୁଁ ତା ସାଥୀରେ ଥିଲି, ଅଛି ଆଉ ରହିବି। ତଥାପି ମାନବ ମୋତେ କାହିଁକି ବୁଝି ପାରୁନି ? ମୁଁ ... ତ, କେବେ ଉପକାର ବ୍ୟତୀତ ଅପକାର କରିନି .... । ମୋର ଆତ୍ମଜମାନେ ସୃଷ୍ଟିକଲେ ଘନ ଜଙ୍ଗଲ। ଯେଉଁ ଠାରେ ପଶୁ, ପକ୍ଷୀ ନିର୍ଭୟରେ ବାସ କରନ୍ତି। ମୋର ବହୁଳ ସମାବେଶ ରକ୍ଷା କରୁଥିଲା ବାତ୍ୟା, ଭୂମିକମ୍ପ ପରି ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟରୁ ଓ ସାମୁଦ୍ରିକ ଝଡ଼ରୁ। ମୁଁ ବିଷ ପାନ କରି ଅମୃତ ଦିଏ। ଅଙ୍ଗାର ଜାମ୍ଲୁ ନେଇ ଅମ୍ଳଜାନ ଦିଏ। ମୋର ପ୍ରତ୍ୟେକ ଅଙ୍ଗ ପତ୍ର ଠାରୁ ଛେଲି, ଚେର ଠାରୁ ଡାଳ ପର୍ଯ୍ୟନ୍ତ ଔଷଧୀୟ କାମରେ ଲାଗି ବିଶ୍ୱର ପ୍ରତ୍ୟେକ ଜୀବ ଜଗତର କଲ୍ୟାଣ କରେ। ମୁଁ.... ଦୂବ..... ମୁଁ ପୁଣି ଦାରୁ, ମୋ ଶରୀରରେ ଦେବତା ପ୍ରବେଶ କରି ମନ୍ଦିରରେ ପୂଜିତ ହୁଅନ୍ତି। ମୋ ଦେହରେ ଗଢ଼ାହୁଏ ପ୍ରଭୁଙ୍କର ରଥ, ଭକ୍ତଙ୍କୁ ଦର୍ଶନ ଦେବାକୁ ବିଜେ ହୁଅନ୍ତି ପ୍ରଭୁ ଜଗନ୍ନାଥ। ମଣିଷର ପ୍ରତ୍ୟେକ ଜୀବନ ଚର୍ଯ୍ୟାରେ ମୋର ଭୂମିକା ସର୍ବତ୍ର। ତେବେ.... କୁହ ହେ ମାନବବନ୍ଧୁ ମୋର କାହିଁକି ମୋ ପ୍ରତି ଏତେ ଅବିଚାର ? କାହିଁକି ମୋର ପାଇଁ ଏତେ ନିଷ୍ଠୁର ? ମୋ ପାଇଁ ତ ତୁମ ଭଣ୍ଡାରରୁ କିଛି ସରେନି, ମୁଁ ଫଳବତୀ ହୋଇ ତୁମକୁ ଫଳଦାନ କରେ । ଖାଏ ଟେକାମାଡ଼, ଶସ୍ତ୍ରରେ ଆଘାତ, ମୁଁ କିଛି କହେନି, ମୋତେ ହାଣି କରି ଦୁଇଖଣ୍ଡ କର କିମ୍ବା ଗଡ଼ ଗଡ଼ କରିଦିଅ, କିନ୍ତୁ ମୁଁ ପୁଣି କଅଁଳି ତୁମକୁ ହସି ହସି ସ୍ୱାଗତ କରେ।

ଥରେ ଭାବିଲ.... ମୋ ମୂଳରେ ବସି ସାଧୁ ସାଧନ୍ତି ସିଦ୍ଧି, ମୋ ମୂଳରେ ବସି ସାଧୁ ଦିଅନ୍ତି ପ୍ରବଚନ। କେତେ ରଜ ଦୋଳି ମୋ ଦେହରେ ଝୁଲେ। କୁମାରୀ ଠାରୁ ବୟସ୍କା ପର୍ଯ୍ୟନ୍ତ ଦୋଳି ଖେଳି ଆନନ୍ଦିତ ହୁଅନ୍ତି। ମୋର ଡାଳରେ ପକ୍ଷୀ, ନୀଡ଼ ରଚନା କରେ, ତାଙ୍କର ଦାମ୍ପତ୍ୟ ଜୀବନକୁ ଚରିତାର୍ଥ କରି ଶାବକ ସୃଷ୍ଟି କରନ୍ତି। ପୁଣି ଡାଳ ଦୋହଲାଇ ଉଡ଼ି ଯାଆନ୍ତି। ବହୁତ ଶାନ୍ତି ଲାଗେ ଯେତେବେଳେ କ୍ଲାନ୍ତ ପଥଚାରୀ ଆସି ବିଶ୍ରାମ ନିଅନ୍ତି, କ୍ଲାନ୍ତି ମେଣ୍ଟାନ୍ତି। ମୁଁ ତୁମର ଜନ୍ମ ଜନ୍ମାନ୍ତର ଉପକାରୀ ବନ୍ଧୁ। ମୋତେ କାହିଁକି ଧରା ପୃଷ୍ଠରୁ ସମାପ୍ତ କରିବାକୁ ଚାହୁଁଛ ? ମୋର ଅସ୍ତିତ୍ୱ ତୁମକୁ କାହିଁକି ଦୁର୍ବିସହ ହେଉଛି ? ଦୟାକର ମୋତେ, ଆଉ ପଙ୍ଗୁ କରନି । ମୁଁ ଥକି ପଡ଼ିଲିଣି ମୋତେ ଟିକେ ମୁଣ୍ଡ ଟେକିବାକୁ ଅନୁଗ୍ରହ କର। ମୋର ଝଙ୍କାଳିଆ ପତ୍ର ଗହଳି କ'ଣ ତୁମକୁ ସୁନ୍ଦର ଦିଶୁନି ? ମୁଁ ଇନ୍ଦିରା ଆବାସ ନୁହେଁ କିନ୍ତୁ ଖୋଲା ମଞ୍ଚ ର ଆଶ୍ରୟ ସ୍ଥଳ। ମୋ ପାଇଁ ପଇସା ଖର୍ଚ୍ଚ କରିବାକୁ ପଡ଼େନି, ଖାଲି ଟିକେ ସ୍ନେହ, ପ୍ରେମ ଦୟା ଦରକାର। ଆଉ ଥରେ ଭାବ ମୋର ଦିବ୍ୟଜ୍ଞାନୀମାନବ ବନ୍ଧୁ ମୁଁ ତୁମ ପାଦତଳେ କରୁଛି ଅଳି, ମୋ କଥା ଯଦି ତୁମକୁ କଣ୍ଟକିତ କରେ, ତେବେ ନିଅ ମୋର ମୁଣ୍ଡବଳି .... ନିଅ ମୋର ମୁଣ୍ଡବଳି।

ତେଲେଙ୍ଗା ବଜାର, କଟକ

# ୱାଚ୍ ମ୍ୟାନ୍

ମମତା ଖଣ୍ଡାୟତରାୟ

ଆମର ପ୍ରତ୍ୟେକ ଘରେ, କି ଧନୀ କି ଗରୀବ ସମସ୍ତଙ୍କ ଘରେ ଗୋଟିଏ ଗୋଟିଏ ୱାଚ୍‌ମ୍ୟାନ ଥାଆନ୍ତି। ବିନା ବେତନରେ ସେ କାମ କରନ୍ତି। ତାଙ୍କୁ କିଛି ଶିଖାଇବାକୁ ପଡ଼େନି, ସେ ସ୍ୱୟଂସିଦ୍ଧ। ମା ପେଟରୁ ସବୁ ଶିଖିକରି ଆସିଛି। ସେ ହେଲେ ପ୍ରତ୍ୟେକ ଘରର ଖୁବ୍ ପରିଚିତ ଅତି ଆଦରର 'କୁକୁର'।

କୁକୁର ନାଁ ଶୁଣି କେତେକ ଘୃଣାରେ ଭ୍ରୁକୁଞ୍ଚିତ କରି ନାକ ଟେକି ସାରବେଣି। କିନ୍ତୁ ... ନା ... ସେ ଘୃଣ୍ୟ ନୁହେଁ। ସେ ନିଷ୍କପଟ, ସରଳ ଅତ୍ୟନ୍ତ ବିଶ୍ୱାସୀ। କହନ୍ତି କୁକୁର ବେଇମାନ କିନ୍ତୁ ସେ ବେଇମାନ ନୁହେଁ। ସେ କୃତଜ୍ଞ, କୃତଘ୍ନ ନୁହେଁ। ଘରର ସର୍ବୋଚ୍ଚ ବ୍ୟକ୍ତି ହେଲେ, ଘରର ମୁରବୀ ବା କର୍ତ୍ତା। ଆଉ ସର୍ବ ନିମ୍ନ ହେଲା ଏହି ପାଳିତ ପଶୁଟି। କିଏ ତାକୁ ପାଳନ କରୁ ବା ନକରୁ, ସେ ତାକୁ ଭ୍ରୂକ୍ଷେପ କରେନି, ସେ ତା'ର ଡ୍ୟୁଟି କରେ । ଗୃହକର୍ତ୍ତା ସମସ୍ତେ ଖାଇ ସାରିଲା ପରେ ଖାଇବା କଥା ସେ ଗୋଟିଏ ଯଞ୍ଚ। କିନ୍ତୁ ସମସ୍ତଙ୍କ ପଛରେ ଏହି ଜୀବଟି ଖାଏ, ସେ ପୁଣି ସମସ୍ତଙ୍କର ଉଚ୍ଛିଷ୍ଟ। ସେ କିଛି ଭାବେନା, ଆନନ୍ଦ ମନରେ ଖାଇ ଲାଙ୍ଗୁଳ ହଲାଇ ହଲାଇ ଧନ୍ୟବାଦ ଦେଇ ଯାଇ ଶୋଇପଡ଼େ।

ସେ କିନ୍ତୁ ଶୁଏ ନାହିଁ, ଶୋଇବାର ଅଭିନୟ କରେ। କ'ଣ ଟିକେ ଖଟ୍ କରି ଶବ୍ଦ ଶୁଣିଲେ ସେ ବୀର ଦର୍ପରେ ମୁଣ୍ଡଝାଡ଼ି ଉଠିପଡ଼େ। ଭୋ....... ଭୋ...... କରି କହିଦିଏ ଡର ନା .... ମୁଁ ଏଇଠି ଅଛି, ଏହାପରେ ବି ସେ ଟିକେ ଟିକେ କଥାରେ ମାଡ଼ ଖାଏ, ଗାଳି ଖାଏ। ଟିକେ କୁଁ .... କୁଁ.... କରି କ'ଣ କହିଦିଏ। ବେଶି ମାଡ଼ କାଟିଲେ ଦୌଡ଼ି କରି ପଳାଏ। ଲୁଚିକରି ଶୋଇ ପଡ଼େ, ପୁଣି ମନକୁ ବୁଝାଇ ଆସି ଦୁଆର ମୁହଁରେ ବସେ। ଘରେ ଅଚିହ୍ନା ଲୋକ ହୁଅନ୍ତୁ କିମ୍ବା ଅଚିହ୍ନା ପଶୁପକ୍ଷୀ ହୁଅନ୍ତୁ, ତା'ର ବିନା ପରମିଶନ୍‌ରେ କେହି ଘରେ ପଶିପାରିବେନି।

ତା'ର ବୟସ ହାଇଗଲେ ସେ ତାଙ୍କ ଜାତିର ଦଳପତି ଭାବେ କାମ କରେ। ଯଦି ଅନ୍ୟ ଗଳିରୁ କି ଅନ୍ୟ ଗ୍ରାମରୁ ଆସି କେହି କଳି, ତକରାଳ କରନ୍ତି ତେବେ ସେ ଯାଇ ତା ଭାଷାରେ ତାଙ୍କୁ ବୁଝାଇ ଦିଏ... । ଯାଅ କଳିଆ ନକରି ମାଲିକର କାମକର । ସେ ସାଇ ପଡିଶାକୁ ଭାରି ଭଲପାଏ। ସମସ୍ତଙ୍କ ଘର ବୁଲିଆସେ। ଭଲମନ୍ଦ ସୁଖ ଦୁଃଖର ସାଥୀ ହୋଇ ତା'ର କର୍ତ୍ତବ୍ୟ ପାଳନ କରେ। ତାକୁ ଛୁଇଁଲେ ଆମେ କୁଆଡେ ଛୁଆଁ ହୋଇଯାଉ । ଏ ଭୁଲ୍ ଧାରଣ ଆମ ମଣିଷ ଭିତରେ ଅଛି। ପୁରାଣରେ କୁକୁରକୁ ଧର୍ମ ଅବତାର ବୋଲି କହନ୍ତି, କାରଣ ଯୁଧିଷ୍ଠିର ମହାରାଜାଙ୍କ ସାଥୀରେ କୁକୁର ରୂପରେ ଧର୍ମ ବୈକୁଣ୍ଠକୁ ସ୍ୱ ଦେହରେ ଯାଇଥିଲେ। ତେବେ ଆମେ ତାକୁ ଏତେ ଗୁରୁତ୍ୱ ନ ଦେଲେବି ସ୍ନେହ କରୁଣାରୁ ବଞ୍ଚିତ କରିବା ଉଚିତ୍ ନୁହେଁ।

ଆଜି କାଲି ତ ବିଦେଶୀ ଫେସନରେ କୁକୁରମାନେ ମଣିଷ ଠାରୁ ଅଧିକ ସେବା ପାଉଛନ୍ତି। ଦାମୀ କୁକୁର ଦେବତା ସାଥେ ସମାନ, ଦାମୀ ସାବୁନ ଲଗାଇ ଗାଧୋଇବା, ଦାମୀ ଗାମୁଛାରେ ପୋଛି ହେବା, ଦାମୀ ଖାଦ୍ୟ ଖାଇବା। ଆଜିକାଲି ଘର ଆଗରେ ତୁଳସୀ ଗଛ ନଥିଲେ କିଛି ଚିନ୍ତା ନାହିଁ କିନ୍ତୁ ଯଦି ଦାମୀ କୁକୁରଟି ଘରେ ନାହିଁ, ତେବେ ସେ ଘରର ଇଜ୍ଜତ ନାହିଁ।। କହିବାକୁଗଲେ ସେମାନେ ଭିଆଇପି ନୁହଁନ୍ତି। ଘରର ବୁଢ଼ା ବାପ ମା' ପଛେ କ୍ଷୀରଟିକେ ପାଇବେନି ଖାଇବାକୁ ... କିନ୍ତୁ କୁକୁର ଖାଣ୍ଟି କ୍ଷୀର ପିଇବ। ଧନ୍ୟ ପ୍ରଭୁ ଧନ୍ୟ ତୁମ ବିଚାର ଗାଁ କନିଆ ଶିଂଘାଣି ନାକି ପରି ଆମ ଗାଁ କୁକୁର, ବର୍ଷା, ଶୀତ ସହି ମାଲିକକୁ ଦେହରେ ଶେଷ ରକ୍ତ ବିନ୍ଦୁଥିବା ପର୍ଯ୍ୟନ୍ତ ରକ୍ଷା କରିବ। କିନ୍ତୁ ଦାମୀ କୁକୁର କାଖରେ କାଖ ହୋଇ ମଜା ଦେଖୁଥିବ ଆଉ ମନେମନେ ଭାବୁଥିବ.... ରେ ମାନବ ମୁଁ ଆର ଜନ୍ମରେ କୁକୁର ହୋଇ ତୋର ସେବା କରୁଥିଲି, ଏବେ ମୋର ପାଳି, ତୁମୋର କିଣା ଚାକର ହୋଇ ମୋର ସେବାକର। ଉଦ୍ଧାର ସେରକ ତିନିପା ହେବନି। ଏଣୁ ମୋର ଜିତାପଟ୍ ହୋଇଛି। ଆଉ ଏଣେ ଆମ ଘରର ଅଇଁଠା ଖିଆ କୁକୁର ସେ ତା'ର ଋଣ ଶୁଝୁଛି। ତଥାପି ସେ ବହୁତ ସଚ୍ଚୋତ ଅଛି। ତା ପାଖରେ କାମ, କ୍ରୋଧ, ଲୋଭ ଭରପୂର ଅଛି କିନ୍ତୁ ସେ ସବୁ ନିହାତି ଦରକାର ସମୟରେ ପ୍ରୟୋଗ କରେ । ତାକୁ ଭଗବାନ ଶକ୍ତି ଦେଇଛନ୍ତି, ସେ ଗନ୍ଧରୁ ଜାଣି ପାରିବ, କିଏ ନିଜର କିଏ ପର। ଆଉ ତାର ଗୋଟେ ଶକ୍ତି ଅଛି, ସେ ଭୂମିକମ୍ପର ଆଭାସ ପାଇଲେ ଅନବରତ ଭୁକି ସତର୍କ କରି ଦିଏ ଅଧିବାସୀଙ୍କୁ, ତେଣୁ ସେ ଘୃଣ୍ୟ ନୁହେଁ। ତା ନୀରବ ଆଖିର ହୃଦୟ କାହାଣୀକୁ ଆମ ଚିନ୍ତା ଧାରାରେ ପରଖିଲେ ଜାଣି ପାରିବା ସେ କେତେ ମହାନ......।

ନୀଳାଦ୍ରୀ ବିହାର, କଟକ

# ମା’ ଛେଳିର ଅନୁଚିନ୍ତା

ଡ. ଆର୍ଯ୍ୟକୁମାର ହର୍ଷବର୍ଦ୍ଧନ

ମନଭରି କ୍ଷୀର ପିଅରେ କୁମର
କାଲିତ ନଥିବି ମୁହିଁ
ସତୀ ରକ୍ଷିବାକୁ ତୋର ମାଆ ଯିବ
ଟିକିଏ କାନ୍ଦିବୁ ନାହିଁ ....

ଏହି ଉକ୍ତିଟି ଥିଲା ବଉଳା ଗାଈ ଉପାଖ୍ୟାନରେ । ସେହିପରି ଆଉ ଗୋଟିଏ ବଉଳା, ମା’ ଛେଳିଟିଏ ଭୟରେ ଆତୁର ହୋଇ ବସିଛି, ପଛରେ ତା ଛୁଆଟି.... ମେଁ .... ମେଁ .... କରି ଡାକୁଛି । ଗୋଟିଏ ବହଳିଆ ଲତାବୁଦା ମୂଳେ ଛେଳିଟି ଠିଆ ହୋଇଗଲା । ଧଇଁ ସଇଁ ହୋଇ ପାଉଥାଏ, ତା’ର ଛାତି ଧଡ଼ ଧଡ଼ ହେଉଥାଏ, କିନ୍ତୁ ଛୁଆଟି ତା ମାଆକୁ ଚାଟି ଦେଇ ଦେହରେ ଦେହକୁ ଘଷିଦେଇ କହିଲା ମାଆଲୋ..... ମତେ ଭାରି ଭୋକ, ଟିକେ ଦୁଧ.... ଦେ....। ମା’କୁ ଯେତେ କଷ୍ଟ ହେଉ ପଛେ, ଭୋକିଲା ଛୁଆଟିର ମୁହଁକୁ ଚାହିଁ... ସ୍ନେହରେ କହିଲା..... ଆ... ନେ... ଦୁଧ ପିଉ...। ଛୁଆଟି ଆନନ୍ଦରେ ମୁଣ୍ଡିଆ ମାରି କ୍ଷୀର ପିଇ ଚାଲିଲା । ମା’ ଛେଳିଟି ସ୍ନେହରେ କହିଲା.... ଧନରେ ମନଭରି କ୍ଷୀର ପିଇଦେ..... ମୁଁ କାଲି ଥିବି କି ନାହିଁ .... କି.... ତୁ ଥିବୁ କି ନାହିଁ, ସେ କଥା କିଏ ଜାଣେ ? ଛୁଆଟି ସବୁ ଶୁଣୁଥିଲେ ମଧ୍ୟ ଚିର ତୃପ୍ତି ଦୁଧ ଖାଉଥାଏ ଏ ସବୁକୁ ନଶୁଣିଲା ପରି ।

ଯେତେ ବେଳେ ପେଟ ପୂରିଗଲା ଛୁଆଟି ମାଆକୁ ଚାହିଁ କହିଲା... ମା’ ତୁ କାଲି କୁଆଡେ ଯିବୁ ? ଆଉ ମୁଁ କୁଆଡେ ଯିବି, କେଉଁଠି ରହିବି ? ମୋତେ ଦୁଧ କିଏ ଦେବ ? ମୁଁ କ’ଣ ଖାଇବି ? ମା’ ଛେଳି କହିଲା ନାହିଁରେ ଧନ ଆଜି ଗୁରୁବାର, ନୂଆବର୍ଷ ଆଜି ପଡିଛି, ସେଥିପାଇଁ ଆମେ ଆଜି ବର୍ତ୍ତି ଯାଇଛେ । ଆସନ୍ତା କାଲି ଆମ କଟାମୁଣ୍ଡ ଧାଡ଼ି ଧାଡ଼ି କରି ଥୁଆ ହୋଇଥିବ । ଛୁଆଟି କହିଲା..... ମୋ ମୁଣ୍ଡବି ? ହଁରେ ଧନ.... ମଣିଷମାନଙ୍କ ପାଖରେ ଛୁଆ କ’ଣ... ବଡ଼ କ’ଣ ? କୁକୁଡ଼ା ପରି ଚମଡ଼ା ଛଡ଼ାଇ ଗରମ ତେଲ କରେଇରେ ପହଁରାଇ ଦେବେ । ଆଲୋ ମାଆ.... ସେମାନେ କ’ଣ ଆମ ଏ ଛେଳି ଜାତିକୁ ଖାଆନ୍ତି.... ନାଁ ଆଉ କାହାକୁ ଖାଆନ୍ତି ? ହଁରେ ..... ଧନ... ଏ ଦୁନିଆରେ ଭଗବାନ ବାଘ, ସିଂହ ପ୍ରଭୃତିଙ୍କୁ ହିଂସ୍ର କରି ଗଢ଼ିଛନ୍ତି, ସେ କେବଳ ମାଂସ ଭକ୍ଷଣ କରିବେ । ଆଉ ଆମପରି ତୃଣଭୋଜି ପଶୁମାନେ କେବଳ ତୃଣ ଭୋଜନ କରିବେ । ଆଉ ଏ ମଣିଷମାନେ ଦିବ୍ୟ ଜ୍ଞାନୀ ହୋଇଥିବାରୁ ସେମାନେ ପଶୁ, ପକ୍ଷୀ, କୀଟ, ପତଙ୍ଗ, ଗଛ, ଲତା, ଶସ୍ୟ ସବୁ ଭକ୍ଷଣ କରନ୍ତି । ସେମାନେ ସର୍ବଗ୍ରାସୀ, ଛୁଆଟି କହିଲା ମାଆଲୋ...... ଆଜି ଗୁରୁବାର ବୋଲି କାହିଁକି ଖାଇବେନି ? ଆରେ.... ଧନ....ସ୍ତ୍ରୀଲୋକମାନେ ଆଜି ଖାଇବେନି ତ.... ସେଇଥିପାଇଁ । ଛୁଆଟି କହିଲା... ନାରୀ ସୁରକ୍ଷା ପାଇଁ ପ୍ରଚାର କରା ଯାଉଛି, ଶିଶୁମାନଙ୍କ ପାଇଁ କେତେ କଡ଼ା ସୁରକ୍ଷା ଦିଆଯାଉଛି । ହେଲେ ଏମାନେ ନିଜେ ଗୋଟିଏ ନାରୀ ହୋଇ, ତୋ ପରି ଗୋଟିଏ ଛେଳି ନାରୀକୁ କିପରି ହଣା ମୁହଁକୁ ଛାଡ଼ିଦେଉଛନ୍ତି ? ମୁଁ ପରା ଗୋଟିଏ ଶିଶୁ, ତାଙ୍କର ଟିକେ ଦୟା ନାହିଁ । ତାଙ୍କ ପାଇଁ ସବୁ ଆଇନ୍ ଅଛି ଆମ ପାଇଁ କିଛି ନାହିଁ । ହଁ....ରେ ଧନ ଯେତେ ସବୁ ଆଇନ୍ ମଣିଷଙ୍କ ପାଇଁ, ଆମ ପାଇଁ ଏ ସବୁ ଆଇନ୍ ଫାଇନ୍ କିଛି ନାହିଁ । ତା’ପରେ ଏଇ କାମତ ସ୍ତ୍ରୀଲୋକମାନେ ବେଶି କରନ୍ତି । ଆମକୁ ଖୋଇପେଇ ପାଳନ କରି ବଡ଼ହେଲେ ଚଢ଼ା ଦରରେ ବିକ୍ରୀ କରି ଖୁସିରେ ଗୁଜୁରାଣ ମେଣ୍ଟାନ୍ତି । ନିଜେ ମଧ୍ୟ ମାଂସ କିଣି ଖାଆନ୍ତି । ଛୁଆ କହିଲା..... ମୋଲୋ.... ଆମେ ଆଉ ସେଠାକୁ ଯିବାନି....। ମାଆ କହିଲା, ନାହିଁରେ ବାପ.... ଏଠି ରହିଲେ କ’ଣ ଆମେ ଭଲରେ ରହିବା ? ଏଠାରେ ନିଶାଚର ବିଲୁଆ, କୁକୁର, ଗଧିଆ ପ୍ରଭୃତି କେତେ ହିଂସ୍ର ଜନ୍ତୁ ଅଛନ୍ତି । ମଦୁଆ ନିଶାଚରଙ୍କର ବି ଅଭାବ ନାହିଁ, ଏଣୁ ଆମକୁ ଯିଏ ଖୋଇପେଇ ପାଳି ପୋଷି ବଡ଼ କରିଛନ୍ତି ସେ ଆମ ଦ୍ୱାରା କିଛି ଉପକୃତ ହୁଅନ୍ତୁ ।

ପଶୁ ଜନ୍ମ ପାଇଛେ, ଆଉ କାହିଁକି ଡରିବା ? ଏ ମଣିଷମାନେ ରାମ ବି ହୁଅନ୍ତି, ରାବଣ ବି ହୁଅନ୍ତି । ହଉ ଚାଆଲେ ବେଶୀ ରାତି ହେଲାଣି ପଳାଇ ଯିବା, ମାଲିକିଆଣୀ ଆମକୁ ଖୋଜୁଥିବେ, ଆଜି ରାତିଟା ମୃତ୍ୟୁକୁ ଅପେକ୍ଷା କରି ଶୋଇ ପଡିବା.....।

ଖ୍ରୀଷ୍ଟମହାବିଦ୍ୟାଳୟ, କଟକ

# ଅନନ୍ତ ପ୍ରତୀକ୍ଷା

ପ୍ରଜ୍ଞାପରମିତା

ଝିପି ଝିପି ବର୍ଷାର ପାଣି ଏକତ୍ରିତ ହୋଇ ଝରଣାର ରୂପ ନେଉଛି । ସମୟ ଚାରିଟା ସମୟେ ସମୟେ ସୂର୍ଯ୍ୟଙ୍କର କଅଁଳ ରଶ୍ମି ବାଦଲକୁ ଧକ୍କାମାରି ପୃଥିବୀ ଉପରେ ପଡୁଛି । ଅତି ନିରିମାଖି ହେଇ ପରିମିତା ପାଣି ଢେଉରେ ଭାସି ଯାଉଥିବା ଶୁଖିଲା ପତ୍ର ଗୁଡ଼ିକୁ ଲକ୍ଷ କରୁଛି । ପାଣିର ଢେଉ ପ୍ରଖର ଥିବାରୁ ରେଳ ଧାରଣାଗୁଡ଼ିକ ବୁଡ଼ି ଯିବାର ମାୟା ସୃଷ୍ଟି କରୁଛି । କଟକ ଷ୍ଟେସନରେ ସମସ୍ତେ ଚଳ ଚ ଞ୍ଚ ଳ, କାହା ପାଖରେ ସମୟ ନାହିଁ, ପରିମିତା ସମସ୍ତଙ୍କୁ ଚାହୁଁଛି ଏବଂ ଲୁଚାଇ ଲୁଚାଇ ତା ଆଖିରୁ ଲୁହ ଗଡାଉଛି । କେଜାଣି କେତେ ଦୁଃଖ ତା ମନରେ, ଯେମିତି ଏହାର କୌଣସି ସୀମା ନାହିଁ ।

ଅତୀତକୁ ସାଉଁଟି ସାଉଁଟି ଉଠି ଆସିବାକୁ ଚେଷ୍ଟା କରୁଛି କିନ୍ତୁ, ପାରୁନି, କାରଣ ତା ମନରେ ଅନେକ କଷ୍ଟ, ଯନ୍ତ୍ରଣା, କାହିଁକି କାହା ପାଇଁ ଏତେ କଥା ? ପରିମିତା କାହିଁ ସୁଦୂର ଜଗତସିଂହପୁରରୁ ଗୋଟିଏ ମଧ୍ୟବିତ ପରିବାରରୁ ଆସିଥିଲା । ବାପାମା'ଙ୍କର ସାନଝିଅ ହୋଇଥିବାରୁ ଅତି ଅଲିଅଳ ହେଇଥିଲା । ପାଠ ପଢା ଗାଁରେ ସାରି କଟକ ସହରରେ ଆସି ପହଞ୍ଚେ । କଟକରେ ସେ ତାର ବଡ଼ ବାପାଙ୍କ ଘରେ ରହି ପାଠ ପଢୁଥିଲା । କଟକର ଅଜଣା ସହରରେ ସେ ଗୋଟିଏ ସାଥୀର ଆବଶ୍ୟକତା ଅନୁଭବ କରୁଥିଲା । ଯୌବନ ସମୟରେ ଯୁବତୀ ମନରେ ଅନେକ ସ୍ୱପ୍ନ । ସେହି ସ୍ୱପ୍ନକୁ ନେଇ ପରିମିତା ତା'ର ସ୍ୱପ୍ନର ରାଜକୁମାରକୁ ଖୋଜି ବୁଲେ ସେ ।

ସ୍କୁଲ ଠାରୁ କଲେଜ ପର୍ଯ୍ୟନ୍ତ କେତେ ଯେ, ପୁଅ ତାକୁ ସେମାନଙ୍କର ସମ୍ମତି ଜଣାଇଛନ୍ତି ତାର ସୀମା ନାହିଁ । କିନ୍ତୁ ପରିମିତା ହସି ହସି ସେମାନଙ୍କ ଭଲ ପାଇବାକୁ ସମ୍ମାନ କରିଛି । କିନ୍ତୁ ତାକୁ ତାର ସ୍ୱପ୍ନର ରାଜକୁମାର ତାକୁ ମିଳିନାହିଁ । ସେ ଅନେକ ସମୟରେ ଭାବେ ତାକୁ ଗୋଟେ ସରଳ, ଆମାୟିକ, ନୀରିହ ସାଥୀ ମିଳିବ ତାକୁ ନେଇ ସେ ସାରା ଜୀବନ କଟାଇ ଦେବ । ଆଜି ପର୍ଯ୍ୟନ୍ତ ସେ ନିଷ୍ଠାର ସହ ଅପେକ୍ଷା କରିଛି ସେ ତାର ସ୍ୱପ୍ନର ରାଜକୁମାରକୁ ।

ଭଡାଘରେ ରହୁଥିବା ବେଳେ ତାର ସେହି ଘରର ମାଲିକଙ୍କ ପୁଅ ଅମ୍ଳାନ ସହ ଦେଖାହୁଏ । କିନ୍ତୁ ଅମ୍ଳାନ ତା'ର ସେହ ସ୍ୱପ୍ନର ରାଜକୁମାର ନିଶ୍ଚିତ ନୁହେଁ, କାରଣ ଅମ୍ଳାନ ଗୋଟିଏ ଇଂରାଜୀ ମାଧ୍ୟମ ଛତ୍ର ଏବଂ ସେ ପାଶ୍ଚାତ୍ୟ ସଭ୍ୟତାକୁ ଆପଣେଇ ଥିବା ଯୁବକ, କିନ୍ତୁ ପରିମିତା ତା ଖା ଣ୍ଟି ଓଡ଼ିଆ ଘରର ଝିଅଟିଏ । ଯଦିଓ ତାର ଚାଲିଚଳନ ଏବଂ ବେଶ ପୋଷାକରେ ପାଶ୍ଚାତ୍ୟର ଛାପ ଅଛି, ସେ କିନ୍ତୁ ବାସ୍ତବରେ ଗୋଟିଏ ପାରମ୍ପରିକ ଓଡ଼ିଆ ଘରର ଝିଅଟିଏ । ଧୀରେ ଧୀରେ ଅମ୍ଳାନ ସାଙ୍ଗରେ ପରିମିତାର ବନ୍ଧୁତ୍ୱ ବଢ଼ିବାକୁ ଲାଗିଥାଏ । ଅମ୍ଳାନ ପରିମିତାର ସୁନ୍ଦରତାରେ ବିଭୋର ହୋଇ ତାର ମନ କିଣିବା ପାଇଁ ସବୁ ପ୍ରକାର ଚେଷ୍ଟା କରେ । ସେ ଯାହାହେଉ ସମୟ ଗଡ଼ି ଚାଲେ ପରିମିତା ଅମ୍ଳାନ ପ୍ରେମରେ ବାନ୍ଧି ହେଇଯାଏ । ସେ ଏତେ ନିବିଡ଼ ହେଇଯାଏ ଯେ, ଅମ୍ଳାନ ବିନା ତାର ବ ଞ୍ଚି ବା ଅସମ୍ଭବ ହେଇଯାଏ ।

ଦୁହିଁଙ୍କର ପ୍ରେମ ସମ୍ପର୍କ ଦିନେ ଦୁଇଦିନ ନୁହେଁ ବର୍ଷ ବର୍ଷ ଧରି ଚାଲିଲା । ଅମ୍ଳାନ ପରିମିତାକୁ ନେଇ ଅନେକ ସ୍ୱପ୍ନ ଦେଖୁଥିଲା । ସେମାନେ ସେମାନଙ୍କର ଭବିଷ୍ୟତର ସଂସାର ମଧ୍ୟ ଗଢ଼ିସାରିଥିଲେ । ଅମ୍ଳାନ ଯିଦି କରୁଥିଲା, ଆମର ବିଭାଘର ପରେ ଗୋଟିଏ ପ୍ରଥମ ଝିଅଟିଏ ହେବ । ତା'ପରେ ଆଉ ଗୋଟିଏ ପୁତ୍ର ସନ୍ତାନ ଆମେ ପୋଷ୍ୟ କରିବା । ତୁମେ ଘରେ ରହି ସବୁ କଥ

ବୁଝା ବୁଝି କରିବ ଆଉ ମୁଁ ଚାକିରୀ କରିବି । ତାଙ୍କର ସୁଖର ସଂସାର ଏତେ ବାଟ ଚାଲିଯାଇଥାଏ ଯେ, ସେମାନେ ବୁଢ଼ା ବୁଢ଼ି ହେଲେ କ'ଣ କରିବେ, ସେ ବୁ ମଧ୍ୟ ଠିକ୍ କରି ସାରିଥିଲେ । ଅମ୍ଲାନ ଦେଖିବାକୁ ଭାରି ସୁନ୍ଦର ଥିଲା । ତା'ର ପାରିବାରିକ ସ୍ଥିତି ମଧ୍ୟ ଉନ୍ନତ ଧରଣର ଥିଲା । ଟଙ୍କା ପଇସାରେ କୌଣସି ଅଭାବ ନଥିଲା, ତେଣୁ ସେ ଛୋଟବେଳୁ ଅତି ଗେହ୍ଲାରେ ବଢ଼ିଥିବାରୁ କିଛି ଖରାପ ପିଲାଙ୍କ ସମ୍ପର୍କରେ ଆସି, ନିଶାଦ୍ରବ୍ୟ ମଧ୍ୟ ସେବନ କରୁଥିଲା । କିନ୍ତୁ ପରିମିତାର ସମ୍ପର୍କରେ ଆସି, ସେ କିଛି ସମୟ ପାଇଁ ସେଥିରୁ ନିବୃତ୍ତ ରହିଥିଲା । ସମୟ ବଦଳିବା ସଙ୍ଗେ ଅମ୍ଲାନ ବଦଳିଗଲା । ସେ ପୁଣିଥରେ ତା ଦୁନିଆକୁ ଫେରିଗଲା । ଅନେକ ସାଙ୍ଗ, ସାଥୀ ଏବଂ ନିଶାର ଶିକାର ହେଇ ସେ ପୁଣି ଅବାଟକୁ ଚାଲିଗଲା । ତା'ର ପରିମିତାକୁ ଭଲ ପାଇବା, ତା ପ୍ରତି ଅନୁକମ୍ପା, ତାକୁ ବଜାରକୁ ବୁଲେଇ ନେବା ଏବଂ ରେଷ୍ଟୁରାଣ୍ଟରେ ଖାଇବା ଏସବୁ ପରିମିତା ଭୁଲି ପାରେନା । ଅମ୍ଲାନ ପରିମିତାକୁ ଦିନକୁ ହଜାର ଥର ଆଇ ଲଭ୍ ୟୁ କହେ । ସେ ମଧ୍ୟ ପରିମିତାକୁ ବାଧ୍ୟ କରେ ଯେ, ଆଇ ଲଭ୍ ୟୁ ଟୁ କହିବା ପାଇଁ । କହି କହି ହାଲିଆ ହେବା ପର୍ଯ୍ୟନ୍ତ କହି ଚାଲିଥାଏ । ସବୁଠାରୁ ବଡ଼ କଥା ଅମ୍ଲାନ ପ୍ରତିଦିନ ପରିମିତାକୁ କହିଥାଏ ଅନେକ ଫଟୋ ପଠାଇବା ପାଇଁ, କାରଣ ତା ବିନା ସେ ବଞ୍ଚି ପାରୁ ନାହିଁ । ଏହି ପ୍ରେମ ହିଁ ଶାଶ୍ୱତ, ଏହାହିଁ ଚିରସ୍ଥାୟୀ ବୋଲି ପରିମିତା ଭାବି ନେଇଥିଲା, କିନ୍ତୁ ଏ ପାଗଳି ଝିଅଟା କ'ଣ ବୁଝିଥିଲା ଅମ୍ଲାନ ତା ସାଥୀରେ ମାୟା କରୁଛି ।

ଦିନେ ହଠାତ୍ ଅମ୍ଲାନ ଗୋଟିଏ ଝିଅ ବିଷୟରେ ପରିମିତାକୁ କହିଥିଲା, ସେ ହେଲା ରାଜଲକ୍ଷ୍ମୀ । ସେ ତା'ର ବାଲ୍ୟ ବାନ୍ଧବୀ । ପରିମିତା ସେ କଥାକୁ କିଛି ଗୁରୁତ୍ୱ ଦେଇନଥିଲା । ତା ପରଦିନ ଅମ୍ଲାନ ସେହି କଥାକୁ ପୁଣିଥରେ ଦୋହରାଇ କହିଲା ଯେ, ରାଜଲକ୍ଷ୍ମୀକୁ ସେ ଚାହୁଁଛି ଏବଂ ତା ସାଙ୍ଗରେ ସମ୍ପର୍କ ଛିନ୍ନ କରିବାକୁ ଚାହୁଁଛି । ହଠାତ୍ ସେ କିଛି ବୁଝି ନ ପାରି ଚିତ୍କାର କରିଉଠିଲା । ବାସ୍ତବତାକୁ କିଏ ଲୁଚେଇ ପାରିବ । ଚାରି ବର୍ଷର ସମ୍ପର୍କକୁ ଅମ୍ଲାନ ଚାରିପଦ କଥାରେ ଶେଷ କରିଦେଲା । ଅମ୍ଲାନ ପାଇଁ ତ ତା ଦୁନିଆ ବହୁତ ବଡ଼ ଥିଲା, ତାକୁ ଆଉ ଗୋଟିଏ ସାଥୀ ମିଳିଗଲା, କିନ୍ତୁ ପରିମିତା ତା ଜୀବନର ସବୁ ଆଶା ମଉଳିଗଲା । ବଞ୍ଚିବାକୁ ଯେଉଁ ଆଶ୍ରା ଗୋଟିକ ଥିଲା ଆଜି ସେ ମଝି ରାସ୍ତାରେ ଛାଡ଼ି ଚାଲିଗଲା । ସେ ଚାହିଁଲେ ବି ତା ମନକୁ ବୁଝାଇ ପାରେନି, ଦୁଃଖରେ ଭାଙ୍ଗିପଡେ ସେ ତା'ର ଅତି ଆପଣାର ବନ୍ଧୁ ଆଲୋକକୁ ସବୁ କଥା ଫୋନ୍‌ରେ କହିଛି । ଆଲୋକ ସେହି କାଳି ଅନ୍ଧକାର ରାତିରେ ପରିମିତାକୁ କଟକ ରେଳଷ୍ଟେସନରୁ ଆଣି ବହୁତ ବୁଝାଇଛି ।

— ତୁମେ ବ୍ୟସ୍ତ ହୁଅନି ପରିମିତା, ଜୀବନ ଏଇଠି ସରିଯାଇନାହିଁ, ଆଗକୁ ଆହୁରି ବହୁତ କିଛି ବାକିଅଛି ।

— ମୋର ତ ସବୁ ସରିଗଲା ଆଲୋକ ସେ ମତେ ଛାଡ଼ି ଚାଲିଗଲା, ମୁଁ ବୁଝି ପାରୁନି ଏତେ ଦିନର ଭଲ ପାଇବା କ'ଣ ସବୁ ମିଛଥିଲା ।

— ନାଁ ଭଲ ପାଇବା ସତ ଥିଲା କିନ୍ତୁ ତମ ପାଇଁ, ତା ପାଇଁ ଥିଲା କିଛି ସମୟ କଟାଇବା ।

— ମତେ ଆଉ ବଞ୍ଚିବାର କୌଣସି ଇଚ୍ଛା ନାହିଁ ।

— ତମେ ଭୁଲ କରୁଛ ପରିମିତା, .........., ତମେ ତାକୁ କିଛି କରି ଦେଖାଇ ଦିଅ ଯେ, ତମେ କେତେ ..... ଏବଂ ସେ କେତେ ଲାଚାର ।

— ତମ କଥା ଶୁଣି ଆଲୋକ ମତେ ବଞ୍ଚିବାକୁ ଭାରି ଇଚ୍ଛା ହେଉଛି, ମୁଁ ଆଜିଠାରୁ କିଛି କରିବି ସମାଜରେ ପ୍ରତିଷ୍ଠିତ ହେବି, ତାକୁ ଦେଖାଇଦେବି ଯେ, ମୁଁ ବି କିଛି କମ୍ ନୁହେଁ । ହଉ ହେଲା ଆଜି ତମ ସୁନ୍ଦର ମୁହଁଟା ଭାରି ଅସୁନ୍ଦର ଦେଖା ଯାଉଛି । ଚାଲ ଟିକେ ରିଫ୍ରେସ୍ ହେଇ ଯିବ । ତାପରେ ମୁଁ ତମକୁ ତମ ଘରେ ଛାଡି ଦେବି । କିନ୍ତୁ ମୋ ରାଣ ତମେ ଆଉ କିଛି ଖରାପ କଥା ଭାବିବ ନାହିଁ ମୁଁ ତମ ସଂଗରେ ସବୁବେଳେ ଅଛି । ହଉ ହେଲା ଆଲୋକ ଚାଲ ଯିବା ରାତି ୯ଟା ବାଜିଲାଣି ।

ଗୋଲେଇଛକ, ପାରାଦୀପ

# ସବର୍ଣ୍ଣ, ଅସବର୍ଣ୍ଣ ଏକ ମାନସିକତା

ପ୍ରଣବ ନନ୍ଦୀ

ଅନ୍ଧାରୁଆ କବାଟ କୋଣରେ ବେଙ୍ଗଟିଏ ବେଙ୍ଗୁଲି ସାଥୀରେ ବସିଥାଏ, ଦିନବେଳେ କାଉ, କୁକୁର ଭୟରେ ପଦାକୁ ବାହାରନ୍ତିନି । ରାତି ହେଲେ, ନିଜର ଖାଦ୍ୟ ଅନ୍ୱେଷଣ ପାଇଁ ବାହାରନ୍ତି । ହଠାତ୍ ପାଟି ଶୁଣି ବେଙ୍ଗୁଲି କହିଲା... ବେଙ୍ଗ...ରେ.... ଏତେ ଜୋରରେ ପାଟି କ'ଣ ହେଉଛି ? ବେଙ୍ଗ କହିଲା..... ବେଙ୍ଗୁଲି... ମୋର ପାଖକୁ ଘୁଞ୍ଚି ଆ....। ଆମ କଥା ଯଦି କିଏ ଶୁଣିବ... ଆମ ଅବସ୍ଥା ବାରଗଣ୍ଡା ଦୁଇକଡ଼ା ହୋଇଯିବ। ବେଙ୍ଗୁଲି କହିଲା.... କହ...ମ କେତେ ପ୍ରବଚନ ଦେଉଛୁ। ବେଙ୍ଗ କହିଲା... ଶୁଣ... ବାବୁଙ୍କ ପୁଅ ନର୍ସିଂହୋମ୍‌ରେ ଚିକିତ୍ସିତ ହେଉଥିଲାବେଳେ, ଗୋଟିଏ ଝିଅକୁ ଭଲ ପାଇଲେ । ସେ ଝିଅଟି ନର୍ସିଂ ହୋମ୍‌ରେ ସେବିକା ଥିଲେ। ତା ବ୍ୟବହାର ଓ ସେବାରେ ସନ୍ତୁଷ୍ଟ ହୋଇ ସାନବାବୁ ବାପା, ମା'ଙ୍କୁ ନଜଣାଇ ସେ ଝିଅକୁ ମନ୍ଦିରରେ ବାହାହୋଇ ଘରକୁ ନେଇ ଆସିଛନ୍ତି ।

ବେଙ୍ଗୁଲି କହିଲା.... ଏଥିରେ ଦୋଷ କ'ଣ ? ବେଙ୍ଗ କହିଲା..... ଆଲୋ ଦୋଷ କଅଣ ଝିଅର ? ଦୋଷ ହେଉଛି ତା' ଜାତିର। ସେ ଭୋଇଘର ଝିଅ, ଆମ ବାବୁ ଗୁରୁପ୍ରସାଦ ମର୍ଦ୍ଦରାଜ ଏ ଦଶଖଣ୍ଡ ମୌଜାର ପ୍ରତିଷ୍ଠିତ ଲୋକ। ଠିକ୍ ରାଜାପରି, ତାଙ୍କୁ କେତେ ଜମିଦାର ଘରର ଝିଅ ମିଳିଥାନ୍ତେ ବୋହୂ କରିବାକୁ। ଏଣୁ ତାଙ୍କୁ ନ ଜଣାଇ ସାନବାବୁ ପୀତବାସ ଏମିତି କଲେ...ତ.. ? ସେଇଥିପାଇଁ ପାଟି ତୁଣ୍ଡ କରି ବୋହୂ ମୁହଁ ଚାହିଁବେନି କହି ଘରର କବାଟ କିଳି ବାବୁ, ବାବୁଆଣୀ ପଶିଛନ୍ତି।

ବେଙ୍ଗୁଲି କହିଲା..... ଆଚ୍ଛା.... ବେଙ୍ଗ ଆମର ତ ଜାତି ଅଜାତି ନାହିଁ ? ଏ ମଣିଷମାନେ ବିବେକ ଜ୍ଞାନ ପାଇ ସେମାନେ ଏପରି ଚିନ୍ତା କରୁଛନ୍ତି କାହିଁକି ? ସମସ୍ତେ ତ ସମାନ, ତୁ କହିଲୁ ସାନବାବୁଙ୍କ ରକ୍ତ ଆଉ ବୋହୂ ମା'ଙ୍କ ରକ୍ତ ଗୋଟିଏ ଜାଗାରେ ଅଲଗା ଅଲଗା ରଖିଦେଲେ କ'ଣ ଜଣା ପଡ଼ିବ, କାହାର କେଉଁ ରକ୍ତ ? ଆଚ୍ଛା.... ବାବୁଆଣୀ ଯେଉଁ ଫୁଲ କିଣିଆଣି ତାଙ୍କ ଇଷ୍ଟ ଦେବଙ୍କୁ ପୂଜା କରୁଛନ୍ତି, ସେ ଫୁଲ ବିକାଳିଟି କେଉଁ ଜାତିର ଜଣାଅଛି। ରକ୍ତ ଭଣ୍ଡାରରେ ରକ୍ତ ସଂଗୃହିତ ହୋଇ ରହିଛି ସେ ସବୁ କେଉଁ ଜାତିର ଜଣା ଅଛି ? ସେ ରକ୍ତ ତ ପୁଣି, ସାଧୁ, ସନ୍ଥ, ବ୍ରାହ୍ମଣ ପଣ୍ଡିତଙ୍କୁ ଦିଆ ଯାଇ ଜୀବନ ରକ୍ଷା ହୋଇ ପାରୁଛି ? ଏ ଦୁନିଆରେ ଯେତେ ବ୍ୟବହାର୍ଯ୍ୟ ଜିନିଷ ବିକ୍ରୀ ହେଉଛି, ସେ ବିକାଳିର କ'ଣ ଜାତି, ଗୋତ୍ର କିଏ ପଚାରୁଛି ? ହଁ.... ବାପ, ମାଙ୍କୁ ନ ଜଣାଇ ବାହା ହୋଇଛନ୍ତି, ଏଇଟା ସାନବାବୁଙ୍କର ଭୁଲ ହୋଇପାରେ, କିନ୍ତୁ ଜାତି ପାଇଁ ବାବୁ, ବାବୁଆଣୀ ଏମିତି ରଗିବା.... ମୋତେ ଠିକ୍ ଲାଗୁନି। ବେଙ୍ଗ କହିଲା...ଆଲେ ସବୁଠୁ ବଡ଼କଥା କ'ଣ ଜାଣିଛୁ ? ସାନବାବୁ ନର୍ସିଂହୋମ୍‌ରେ ଚିକିତ୍ସା ହେଲାବେଳେ, ତାଙ୍କୁ ରକ୍ତ ଦରକାର ପଡ଼ିଲା। ଏହି ଭୋଇଘର ଝିଅଟି ରକ୍ତ ଦେବାରୁ ସେ ବଞ୍ଚିଗଲେ। ଏକଥା ବାବୁ, ବାବୁଆଣୀ ମଧ୍ୟ ଜାଣିଛନ୍ତି, ତା'ପରେ ବି ସେ ଏପରି କାହିଁକି ହେଉଛନ୍ତି କେଜାଣି ? ହଁ ..... ବଡ଼ଘର ବଡ଼ ଗୁମର କଥା .... ଦେଖିବା ଆଗକୁ କ'ଣ ହେଉଛି ?

ଦିନ ଯାଇ ରାତି ହେଲା ଗୋଟିଏ ଘରେ କବାଟ କିଳି, ବାବୁ-ବାବୁଆଣୀ ରହିଲେ, ବାହାରକୁ ଆସିଲେନି କି କଥା ହେଲେନି, ବୋହୂ ଝୁନୁ କହିଲା.... ଶୁଣ... ବାବା ମା'ଙ୍କ ମନରେ ଅଶାନ୍ତି ଦେଇ ମୁଁ ଆଉ ରହି ପାରିବିନି, ମୋତେ ନେଇ ଛାଡି ଦେଇ ଆସ। କାଲି



ସୂର୍ଯ୍ୟ ଉଦୟ ହେବା ପୂର୍ବରୁ ମୁଁ ମୋର ଅଳୁଆଁ ମୁହଁକୁ ନେଇ ଚାଲିଯିବି। ସେଇଆ ହେଲା, ପୁଅ ବୋହୂ ଦୁହେଁ ଫେରିଗଲେ ସହରର କର୍ମ ଭୂମିକୁ। ବେଙ୍ଗୁଲି ଲୁଚିକରି ଦେଖୁଥିଲା, କହିଲା.... ବେଙ୍ଗରେ କେତେ ସୁନ୍ଦର ବୋହୂଟିଏ, କ'ଣ ଅଭାବ ଅଛି, ତା ପାଖରେ ? ବେଙ୍ଗ କହିଲା... ଚୁପ୍... ସରଗକୁ ନିଶୁଣୀ ନାହିଁ କି ବଡ଼ଲୋକଙ୍କୁ ଉତର ନାହିଁ, ସମୟ ଆସିଲେ ସବୁ ଜଣା ପଡିବ।

ଏମିତି କିଛି ଦିନ ଚାଲିଗଲା, ପୁଅ ବୋହୂଙ୍କ ସହିତ ମର୍ଦ୍ଦରାଜ ପରିବାରର ଆଉ ସମ୍ପର୍କ ନାହିଁ। କେବଳ ମାଆଟିକେ ଭାବେ କାନ୍ଦେ, ମାଆ ମନତ ? ଗୋଟିଏ ବୋଲି ପୁଅ, କେମିତି ବା ନ ଭାବିବ ? ଦିନେ ଗୁରୁପ୍ରସାଦ ମର୍ଦ୍ଦରାଜ ସାଂଘାତିକ ଦୁର୍ଘଟଣାର ସମ୍ମୁଖୀନ ହୋଇ ରକ୍ତାକ୍ତ ଅବସ୍ଥାରେ, ନର୍ସିଂ ହୋମ୍‌ରେ ଆଡ୍‌ମିଶନ ହେଲେ। ବହୁତ ରକ୍ତସ୍ରାବ ଦ୍ୱାରା ମୃତ୍ୟୁ ତାଙ୍କ ଚାରି ପାଖରେ ବୁଲୁଥାଏ। କେତେବେଳେ ଦୀପ ଲିଭିଯିବ। ପରୀକ୍ଷା ପରେ ଡାକ୍ତର କହିଲେ ତାଙ୍କର ଗୋଟିଏ କିଡିନୀ ନଷ୍ଟ ହୋଇ ଯାଇଛି ଏବଂ କିଡ୍‌ନୀ ସହିତ ତାଙ୍କର ପ୍ରଚୁର ରକ୍ତ ଦରକାର ବାବୁଙ୍କ ସ୍ତ୍ରୀ କୁନ୍ତଳା ମର୍ଦ୍ଦରାଜ ଓ ପୁଅ ପୀତବାସ ମର୍ଦ୍ଦରାଜ, ବନ୍ଧୁବାନ୍ଧବ ସମସ୍ତଙ୍କ ପାଖରୁ ଅସଫଳ ହେଲେ। ଅଜସ୍ର ଟଙ୍କା କିଛି କାମକୁ ଆସୁନି, ସେହି ନିର୍ସିଂହୋମ୍‌ରେ ଝୁନୁ ଥିଲା। ସେ ଗୁପ୍ତରେ ଡାକ୍ତରଙ୍କ ପାଖରେ ନିଜର ରକ୍ତ ଆଉ କିଡିନୀ ପରୀକ୍ଷା କରି ମର୍ଦ୍ଦରାଜ ବାବୁଙ୍କୁ ଦାନ କଲା ଏବଂ ନିଜ ନାମ ଗୁପ୍ତରଖିବାକୁ ଡାକ୍ତର ବାବୁଙ୍କୁ ଅନୁରୋଧ କଲା। ମର୍ଦ୍ଦରାଜ ବାବୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇ, ସେ ବଦାନ୍ୟ ବ୍ୟକ୍ତିଟି କିଏ ବୋଲି ଜାଣିବାକୁ ଚାହିଁବାରୁ ଜାଣି ପାରିଲେ। ଏ ସବୁ କାମ ଭୋଇଘର ଝିଅ ଝୁନୁ କରିଛି। ସେ ଅତ୍ୟନ୍ତ ଅନୁତପ୍ତ ହୋଇ ଝୁନୁକୁ କ୍ଷମା ମାଗିଶଛ ଓ ଆନନ୍ଦ ମନରେ ଝୁନୁକୁ ସସମ୍ମାନରେ ଘରକୁ ନେଇ ଆସିଲେ, ଶଙ୍ଖ ହୁଳହୁଳିରେ ଘର ଉଛୁଳି ପଡୁଥିଲା ବେଳେ, ବେଙ୍ଗ ବେଙ୍ଗୁଲି ଆନନ୍ଦରେ ବିଭୋର ହୋଇ ହୁଳହୁଳି ପକାଇ ନାଚିକୁଦି ଏତେ ଖୁସି ହେଉଥିଲେ ଯେ, ବେଙ୍ଗ, ବେଙ୍ଗୁଲିକି କହିଲା... ହଇଲୋ.... ତୁ ତ ମୋତେ ବାହା ହେଲ ବେଳେ ଏତେ ଖୁସି ହେଉନଥିଲୁ ? ବେଙ୍ଗୁଲି ଧେତ୍.... କହି ଫକ୍ କିନା ବେଙ୍ଗ ପିଠିରେ ନାଉ ହୋଇ ଗଲା...

ନୂଆବଜାର, କଟକ

# ପଚାରନା ମୋତେ କାନ୍ଦେ କାହିଁକି ?

ଗୀତାଞ୍ଜଳି ନାୟକ

ସୁରିଆ ମେଡ଼ିକାଲରୁ ଲୁହପୋଛି କାନ୍ଧରେ ପିଲାଟିଏ ପକେଇ ବାହାରି ଆସିଲା । ବହୁଦୂର ଗାଁ ତାର । ଗାଁ କୁ ଫେରିଯିବ । ଗାଁକୁ ଫେରି ସେ ତାର ସ୍ତ୍ରୀକୁ କ'ଣ ଉତ୍ତର ଦେବ । ଭାବି ଭାବି ମୁଣ୍ଡ ତା'ର ଘୂରିଗଲା । ଗଛ ଛାଇରେ ଥକ୍କାମାରି ବସିପଡ଼ିଲା । ହେଲେ,ଏ କ'ଣ ଗଛତଳେ କି ଗରମ ପବନ । ଦେହ ଫୋଟକା ହେଲାପରି ଲାଗୁଛି । ସେ ପବନ ଦେବତାଙ୍କୁ ଡାକିଲା, ତୁମ ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହୁଏ । ଆଜି ଏ କ'ଣ ? ପବନ ଦେବତା ଆସିଲେ, ସୁରିଆ ପଚାରିଲା ପବନ ଦେବ ତୁମ ଆଖିରେ ପୁଣି ଲୁହ ? କାହିଁକି କାନ୍ଦୁଛ ? ଆମେ ସିନା ମନୁଷ୍ୟ ଆମର ଦୁଃଖ, ହେଲେ ତୁମର କ'ଣ ଦୁଃଖ ? ପବନ ଦେବତା କହିଲେ ମତେ ପଚାରନି ମୋର କେତେ ଦୁଃଖ, ମୁଁ ଆସିଥିଲି ସୃଷ୍ଟିକୁ ତୁମମାନଙ୍କୁ ମୋର ସ୍ପର୍ଶରେ ଆନନ୍ଦ ଦେବାକୁ । ସମାଜର ଜୀବ ଜଗତର ମଙ୍ଗଳ କରିବାକୁ । କୋଟି କୋଟି ଜୀବର ମୁଁ ହେଉଛି ପ୍ରାଣ । ହେଲେ ତୁମ କଷ୍ଟ ଦେଖି ମୁଁ ସହି ପାରୁନି, ମୋ କର୍ତ୍ତବ୍ୟକୁ ତୁମମାନଙ୍କ ଭଳି ମନୁଷ୍ୟ ଛଡେଇ ନେଉଛନ୍ତି । କଳ କାରଖାନା ବସେଇ ମୋତେ ବିଷାକ୍ତ କରିଦେଉଛନ୍ତି । ଜଙ୍ଗଲକାଟି ସଫା କରିଦେଉଛନ୍ତି . ଗାଡ଼ି ମଟର ଆହୁରି ଅନେକ କାରଣ ଯୋଗୁଁ ମୋତେ ଦୂଷିତ କରୁଛନ୍ତି । ଏସବୁ କାରଖାନା ରୁ ଓ ଗାଡ଼ିରୁ ନିର୍ଗତ ମାରାତ୍ମକ ଗ୍ୟାସ ମୋତେ କଳୁଷିତ କରିବା ସଙ୍ଗେ ସଙ୍ଗେ ନିଜର ମଧ୍ୟ କ୍ଷତି କରିଚାଲିଛନ୍ତି । ଏହାଦ୍ୱାରା ଚର୍ମ କ୍ୟାନସର ଭଳି ମାରାତ୍ମକ ରୋଗ ସୃଷ୍ଟି ହେଉଛି । ବଡ଼ ବଡ଼ ସିମେଣ୍ଟ କାରଖାନାର ଧୂଳିରେ ଫୁସ୍ ଫୁସ୍ କ୍ୟାନସର ହେଉଛି । ଏତଦ୍ୱାରା ତାପମାତ୍ରା ବଢ଼ିବା ସଙ୍ଗେ ସଙ୍ଗେ ବର୍ଷା ହେବାରେ ମଧ୍ୟ ଅନିୟମିତତା ଦେଖା ଦେଉଛି । କେତେ ଫୁଲର ସୁଗନ୍ଧରେ ମୁଁ ସୁଗନ୍ଧିତ ଥିଲି, ମୋର ଶୀତଳ, ସୁଗନ୍ଧିତ ପବନରେ ତୁମେ କେତେ ଆନନ୍ଦ ପାଉଥିଲ । ହେଲେ ଅଳିଆ, ଆବର୍ଜନା, ନାଳ, ନର୍ଦ୍ଦମା, ଦୁଃର୍ଗନ୍ଧରେ ମୁଁ ବ୍ୟତି, ବ୍ୟସ୍ତ ହୋଇ ପଡିଲିଣି ସଂସାରର ମଙ୍ଗଳ ପାଇଁ ଆସି, ତୁମ ଲୁହ ପୋଛି ପାରିଲି ନାହିଁ । ମୁଁ ନିରୁପାୟ, ମୋତେ କ୍ଷମାକର । ଲୋକଟି କାନ୍ଧରେ ପିଲାଟିକୁ ସେମିତି ପକେଇ ଖରାରେ ଚାଲିଥାଏ । ଆଖିରୁ ଲୁହ ଶୁଖୁନଥାଏ । ନଦୀଟିଏ ବାଟରେ ପଡ଼ିଲା । ପାଣି ଦି ଢୋକ ପିଇ ଆଗକୁ ଯିବ ଭାବି ନଦୀକୁ ଗଲା । ହେଲେ ଏ କ'ଣ, ଦୁର୍ଗନ୍ଧରେ ନାକ ଫାଟି ଯାଉଛି ସେ ନଦୀ ମା'ଙ୍କୁ ପାଣି ଟିକେ ପାଇଁ ନିବେଦନ କଲା । ମା' ଆସିଲେ, ହେଲେ ଯାହାବିନା ସୃଷ୍ଟି ଆସମ୍ଭବ ତାଙ୍କ ଆଖିରେ ଲୁହ ଧାର ଧାର ବହି ଯାଉଥାଏ । ଏ କ'ଣ ! ତାଙ୍କୁ ଯେପରି ଅସରନ୍ତି ଦୁଃଖରେ ଅକାଳ ବାର୍ଦ୍ଧକ୍ୟ ଗ୍ରାସ କରିଛି । କାହିଁ ତାଙ୍କର ସେହି କୁଳୁ କୁଳୁ ସ୍ୱର, ଅପରୂପ ସ୍ରୋତସ୍ୱିନୀ ରୂପ । ସୁରିଆ ପଚାରିଲା ମା' କାହିଁକି କାନ୍ଦୁଛ, ତୁମର ପୁଣି କ'ଣ ଦୁଃଖ ? ନଦୀ ଦେବୀ କହିଲେ ପଚାରନି ମୋତେ, କାନ୍ଦୁଛି ମୁଁ କ'ଣ ପାଇଁ ? ତୁ ମୋର ସନ୍ତାନ ହୋଇ ମୁଁ ତୋ ତଣ୍ଟି ଶୁଖିଯିବା ବେଳେ ପାଣି ଟିକେ ଦେଇ ପାରୁନି । କାହିଁ କେତେ ଦୂରରୁ ମୁଁ ଧାଇଁ ଆସିଥିଲି ପାହାଡ ଫଟେଇ ବହୁକଷ୍ଟ ସହି ତୁମମାନଙ୍କ ଦୁଃଖ ଦୂର କରିବି ବୋଲି । ପୃଥିବୀକୁ ଶସ୍ୟ ଶ୍ୟାମଳା କରିବି । ତୁମାମନଙ୍କ ଚାଷବାସ ପାଇଁ ପାଣି ଯୋଗେଇବି । ହେଲେ ମୋ ପାଣିକୁ କିଏ ନାଳ ନର୍ଦ୍ଦମାର ଗନ୍ତାଘର କରିସାରିଲେଣି । କିଏ ପୁଣି କଳ, କାରଖାନାର ବିଷାକ୍ତ ଜିନିଷ ମୋ ପାଣିକୁ ଛାଡିଲେଣି । କିଏ ପାଣିକୁ ଅଟକେଇ ବିଜୁଳିଶକ୍ତି ବାହାର କରୁଛନ୍ତି । ମୁଁ ପୂର୍ଣ୍ଣଗର୍ଭା ବଦଳରେ ଶୂନ୍ୟଗର୍ଭା ହୋଇଯାଇଛି । ମୋ କୋଳରେ ରୂପାଭଳି ଚକ୍‌ଚକ୍ କରୁଥିବା ମାଛ ଆଉ ଖେଳୁ ନାହାନ୍ତି



ସେମାନେ ବିଷାକ୍ତ ପାଣିରେ ଅସହ୍ୟ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି । ନଦୀକୁ ନେଇ କବିମାନେ ଆଉ କବିତା ଲେଖୁ ନାହାନ୍ତି । ଭାଗିରଥୀ ତପସ୍ୟା କରି ଜୀବମାନଙ୍କୁ ଉଦ୍ଧାର କରିବା ପାଇଁ ମର୍ତ୍ତ୍ୟ କୁ ଗଙ୍ଗା ଆଣିଥିଲେ । ହେଲେ ଗଙ୍ଗୀ ଦୁଃଖ ନ କହିଲେ ଭଲ । ହେଲେ ମୁଁ ବଞ୍ଚି ମଧ୍ୟ ମୃତ ପ୍ରାୟ । ମୁଁ ଅମୃତ ଦେବା ବଦଳରେ, ମୋ ସନ୍ତାନମାନଙ୍କୁ ବିଷ ଦେଉଛି । ଏହାଠୁ ଦୁଃଖ କ'ଣ ଅଛି ? ଯାହାର ପରିଣାମ ସ୍ୱରୂପ ତୁମ କାନ୍ଧରେ ନିସ୍ତେଜ ହୋଇ ପଡିଥିବା ସନ୍ତାନ । ସୁରିଆ, ଆଖିର ଲୁହକୁ ସାହାରା କରି ହାରାସ ହୋଇ ଆଗକୁ ଚାଲିଲା । ମନେ, ମନେ ଭାବୁଥାଏ ପାଣି, ପବନ ଟିକେ ପାଇବା ପାଇଁ ମନୁଷ୍ୟ ଏତେ ବିକଳ, ଆମ ପିଲାବେଳେ ପହିଲି ଆଷାଢ଼ର ଝିପ୍‌ଝିପ୍ ବର୍ଷାରେ ଭିଜି, ଭିଜି ବାଦଲ ପଛରେ ଧାଇଁବା, ହୀରାଭଳି ଟପ୍ ଟପ୍ ଆକାଶରୁ ଖସୁଥିବା କୁଆପଥର ଖାଇବା, ଭିଜା ମାଟିର ପୁଣି କି ବାସ୍ନା, ଏବେ ଯେମିତି ସବୁ ସ୍ୱପ୍ନ । ଇନ୍ଦ୍ରରାଜା ଯେମିତି କୃପା ବର୍ଷା ପୃଥିବୀ ଉପରେ କରିଥାନ୍ତି ଧରଣୀ ରାଣୀ ସଜେଇ ହୋଇ ପବନରେ ଦୋଳି ଖେଳୁଥାଏ । ଆଉ ବର୍ଷକୁ ଥରେ ଇନ୍ଦ୍ରରାଜା ତାଙ୍କ ପୃଥିବୀକୁ ସେମିତି ଅପଲକ ନୟନରେ ଚାହିଁଥାନ୍ତି । ଏସବୁକୁ ମନେ ପକେଇ ସୁରିଆ ଏତେବାଟ ଚାଲିଆସିଲାଣି ତାର ଧାରଣା ନାହିଁ । ଘରେ ତାର ସ୍ତ୍ରୀ ଦୌଡ଼ି ଆସିଲା, ଦାଣ୍ଡ ଦୁଆରକୁ, ପୁଅକୁ କୋଳେଇ ନେଇଗଲା । ହେଲେ ପୁଅ ଦେହରେ ପ୍ରାଣ ନଥିଲା । ଏହା ଦେଖି ସେ ମୂର୍ଚ୍ଛା ହୋଇଗଲା । ପୁଅ ତାର ଜଣ୍ଡିସ୍ ଆକ୍ରାନ୍ତରେ ସହରକୁ ଯାଇଥିଲା ଚିକିତ୍ସା ପାଇଁ । ସାହି, ପଡ଼ିଶା ପଚାରିଲେ କାହିଁକି କାନ୍ଦୁଛ ? ସୁରିଆ ଉତ୍ତର ଦେଲା, ପଚାରନି ମୋତେ କାନ୍ଦୁଛି କାହିଁ ସୁରିଆ କାହାଦୁଃଖ ପାଇଁ କାନ୍ଦୁଛି । ନଦୀର ଦୁଃଖ, ନାଁ ପବନର ଦୁଃଖ, ନାଁ ଜୀବଜଗତର ଦୁଃଖରେ, ନାଁ ନିଜ ପୁଅ ଅପରିଷ୍କାର ପାଣି ପିଇ ଜଣ୍ଡିସ୍‌ରେ ମରିଯିବାର ଦୁଃଖରେ । ଆମର ସଚେତନତା ଅଭାବରୁ ସମସ୍ତେ ନିଷ୍କ୍ରିୟ । ନଦୀ, ପବନ ନିଜେ ବା ନିଜକୁ କିପରି ସଫା କରିବେ, ଆମେ ତ ବିଷାକ୍ତ କରିବାର ସବୁସୀମା ଟପି ଯାଉଛୁ ଯାହାଫଳରେ ସୁରିଆ ଭଳି ବେସାହାର ଜୀବନ କାଟିବାକୁ ପଡୁଛି ।

ତେଣୁ ନିଜେ ନିଜକୁ ବଞ୍ଚାନ୍ତୁ । ନିଜର ସକ୍ଷମ ଅନୁସାରେ ଦୁଇ ଚାରିଟା ଗଛ ବର୍ଷକୁ ଯେ କୌଣସି ସ୍ଥାନରେ ଯେଉଁଗଛ ହେଉ ଲଗାନ୍ତୁ । ନିଜ ଦ୍ୱାରା ସମ୍ଭବ ହେଲାଭଳି ମଇଳା ଆବର୍ଜନା ସଫା କରନ୍ତୁ । ସମସ୍ତେ ଯାନବାହନର ବ୍ୟବହାର ଆବଶ୍ୟକ ନଥାଇ କରନ୍ତୁ ନାହିଁ । ନଦୀ, ଜଳ, ପବନ, ବୃକ୍ଷ ଆମର ଉପକାର ପାଇଁ ସୃଷ୍ଟି ହୋଇଛନ୍ତି । ନିସ୍ୱାର୍ଥରେ ଏମାନେ ମନୁଷ୍ୟମାନଙ୍କର ସେବା କରି ଚାଲିଥାନ୍ତି । ଏମାନେ ଆମର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଦରକାର ବୋଲି ଭୁଲି ଯାଆନ୍ତୁ ନାହିଁ । ତେଣୁ ଯାହାର ଯେତିକି କରିବାର ସକ୍ଷମ ତାହା କରନ୍ତୁ ।

ବାଲିସାହି, କଟକ

# ଅବାଞ୍ଛିତ ମାତୃତ୍ୱରେ ଅକାଳ ମୃତ୍ୟୁ

ଡକ୍ଟର ଦିପକ କୁମାର ଦାଶ

ପ୍ରଭାତର କଅଁଳିଆ ସୁନେଲୀ ଖରା ମହାନଦୀର ବାଲୁକାରାଶିକୁ ସ୍ପର୍ଶ କରି ସୃଷ୍ଟି କରୁଛି ଏକ ମନୋରମ ଦୃଶ୍ୟ, ଏକ ଜ୍ୱଳନ୍ତମାନ ଆଭା । ବାଲୁକା ରାଶିର ଚିକ୍‌ମିକ୍ ମନଭିତରେ ସୃଷ୍ଟି କରୁଛି ଏକ ମେଡି ମାଣିକ୍ୟର ପ୍ରହେଳିକା । ଦଲକାଏ ସକାଳୁଆ ପବନରେ ଲତାର ନୁଖୁରା କେଶଗୁଡ଼ିକ ଅମାନିଆ ଭାବେ ଏପଟ ସେପଟ ହେଉଛି । ଲତା କେଉଁ ଏକ ଅଗମ୍ୟ ଆଦିବାସୀ ଇଲାକାର ନିରିମାଖୀ ତେର ବର୍ଷର କିଶୋରୀ ଟିଏ । ଆଦିବାସୀ ପିଲାଙ୍କ ଶିକ୍ଷା ନିମନ୍ତେ ସରକାରଙ୍କ ଦ୍ୱାରା ଖୋଲାଯାଇଥିବା ଆଶ୍ରମ ବିଦ୍ୟାଳୟର ହଷ୍ଟେଲରେ ରହି ଆଖିରେ ଭବିଷ୍ୟତର ସୁନେଲୀ ସ୍ୱପ୍ନ ଦେଖୁଥିବା ଲତା ଥିଲା ବାପା ମା ଛେଉଣ୍ଡ । ହଷ୍ଟେଲରେ ତାହା ସହ ଦେଖା ହୋଇଥିଲା ବିନୁଭାଇ । ବିନୁ ଭାଇଥିଲା ତାର ସବୁକିଛି, ତା ବିଶ୍ୱାସର ପ୍ରତୀକ ତା ଅନ୍ତରର ଆତ୍ମା, ତାର ଅତି ନିଜର । ବିନୁଭାଇ ତା ପାଇଁ ଆଣିଦିଏ ପାଉଡର ବାସନା ଅତର, ରଙ୍ଗୀନ୍ ରିବନ । କଥାରେ କଥାରେ ଚପଳମତି ଲତା ସମସ୍ତଙ୍କୁ ବିନୁଭାଇର କଥାକହି ପାଏ ଅପୂରନ୍ତ ଆନନ୍ଦ ।

ହଷ୍ଟେଲ ପାଖ ଗାଁରେ ବସତିସ୍ଥାପନ କରିଥିବା ପଇଁତିରିଶି ବର୍ଷୀୟ ବିନୁଭାଇ ଥିଲା ଲତାର ଅତିନିଜର ଅତି ଆପଣାର । ସମୟେ ସମୟେ ବିନୁ ହଷ୍ଟେଲରେ କାମଧନ୍ଦା କରିବା ସମୟରେ ଉଭୟଙ୍କ ମଧ୍ୟରେ ବିକଶିତ ହୋଇଥିଲା ଏକ ଉତ୍ତମ ସେତୁରୂପକ ବନ୍ଧନ, ଏକ ସରଳ ବିଶ୍ୱାସ, ନିଷ୍କପଟ ସମ୍ପର୍କ । ନିଜରଲୋକ ପାଖରେ ଜିଦି କରିବାର ଥାଏ ଏକ ଅଦେଖା ଆନନ୍ଦ, ଏକ ନୂତନ ଶିହରଣ - ଏହି କଥାକୁ ଛତ୍ରେ ଛତ୍ରେ ଅନୁଭବ କରି ଲତା ତା ଆପଣାର ବିନୁଭାଇ ପାଖରେ ଗେହ୍ଲେଇ ହୋଇଥିଲା କଟକ ପ୍ରସିଦ୍ଧ ବାଲିଯାତ୍ରା ଦେଖିବାକୁ । ଛଦ୍ମବେଶୀ ବିନୁ ଯିଏ ସୁଯୋଗର ଅପେକ୍ଷାରେ ଥିଲା ତତ୍‌କ୍ଷଣାତ୍ ଏ ପ୍ରସ୍ତାବରେ ରାଜି ହୋଇ ନିଷ୍କଳଙ୍କ ଝରଣାଲତାକୁ ଆଣିଥିଲା କର୍ଦ୍ଦମାସିକ୍ତ ନଦୀ ସଦୃଶ ସହରକୁ । ବାଲିଯାତ୍ରାରେ ଲତାକୁ ଦେଇଥିଲା ଅନେକ ବସ୍ତୁ, ଅନେକ ଖୁସି । ସବୁଠୁ ବେଶି ଆନନ୍ଦ ହୋଇଥିଲା ବିନୁଭାଇ ସଙ୍ଗେ ହାତରେ ହାତ ମିଶାଇ ଚାଲିବାରେ । କି ଅପୂରନ୍ତ ଆନନ୍ଦ, କି ନୂତନ ଶିହରଣ । ସେ ଆବିଷ୍କାର କଲା ଏକ ନୂତନ ଦୁନିଆ ।

ଲତା ଓ ତାର ପ୍ରିୟ ବିନୁଭାଇ ରାତି ସାଢ଼େ ଏଗାର ବେଳେ ଫେରିଥିଲେ ବାଲିଯାତ୍ରାରୁ । ଲତାର ବ୍ୟତିବ୍ୟସ୍ତ ପ୍ରଶ୍ନ କେଉଁଠି ରହିବାର, ବିନୁର ମୁହଁରୁ ବାହାରି ଆସିଥିଲା ସଂପର୍କୀୟଙ୍କ ଘରେ । ଦୁହେଁ ମାଡିଚାଲିଲେ ସେମାନଙ୍କର ଲକ୍ଷ୍ୟସ୍ଥଳ ସଂପର୍କୀୟର ଘର । ସେଠାରେ ପହଞ୍ଚିବା ପରେ ଲତାର ପ୍ରଶ୍ନ ଏଠାରେ କ'ଣ କେହି ନାହାଁନ୍ତି ? ବିନୁର ତତ୍‌କ୍ଷଣାତ ଉତ୍ତର ଥିଲା ଆମେ ଆସିବା ବୋଲି ମୋର ସାଙ୍ଗ ମୋତେ ଚାବି ଦେଇ ଅନ୍ୟତ୍ର ଚାଲିଯାଇଛି । କପଟ ସ୍ପର୍ଶ କରିନଥିବା ନିରିମାଖି ଲତା ହଠାତ୍ ଅନୁଭବ କରୁଛି ତା ପିଠି ଉପରେ କାହାର ସ୍ପର୍ଶ । ଚମକିପଡି ଦେଖେ ତ ତା'ର ଅତି ଆପଣାର ବିନୁଭାଇ । ଅନ୍ଧାର କଳାରାତିରେ ବିନୁଭାଇ ବୋଳିଦେଲା ସେମାନଙ୍କର ସଂପର୍କରେ କାଳିମା । ବିନୁଭାଇର ଶକ୍ତ ବାହୁର ପ୍ରଭାବରୁ ମୁକୁଳିପାରିଲାନି ନିରିମାଖି ଲତା । ଅନ୍ୟାନ୍ୟ ଉପାୟ ହୋଇ ନିଜେ ନିଜକୁ, ନିଜ ଶରୀରକୁ ସମର୍ପି ଦେଇଛି କାମାନ୍ଧ ବିନୁଭାଇ ପାଖରେ । ସେ ଅନୁଭବ କରିଛି ବିଶ୍ୱାସରେ ବିଷ କେତେ ଭୟଙ୍କର ହୋଇପାରେ । ତାର ଆଖିରେ ନାଚିଯାଇଛି ବିନୁଭାଇର ଏହି ବିଭତ୍ସ ତଥା କୁତ୍ସିତ ଘୃଣ୍ୟ ରୂପ ।

ସକାଳର ସୂର୍ଯ୍ୟ ଲତାକୁ ଛୁଇଁବା ବେଳକୁ ଚାଲିବାର ସକ୍ଷମତା ତା ପାଖେ ନଥାଏ କି ପାଖରେ

ନଥାଏ ବିନୁ । ଆକାଶ ଖସି ପଡିବା ଭଳି ଲାଗେ । କୁଆଡେ ଯିବ ଅଜଣା ସହରରେ, ଅଚିହ୍ନା ଲୋକଙ୍କ ଭିତରେ । ଭାବନା ର ଦୁନିଆରେ ବୁଡି ରହିଥିବା ଲତା ଶୁଣିପାରିଲା କେଉଁ ଏକ ଅଜଣା ସ୍ୱର  - ନିଅ ଏହି ପଚାଶ ଟଙ୍କା । ଘରକୁ ଯିବ, ଲତାର କେବଳ ଗୋଟିଏ ପ୍ରଶ୍ନ କୁଆଡେ ଗଲେ ବିନୁଭାଇ ? ସମସ୍ତ ଘଟଣା ସଂପର୍କରେ ଅଜଣା ବ୍ୟକ୍ତିଠାରୁ ଏକ ସମ୍ୟକ ଧାରଣା ପାଇ ତାହାର ସାହାଯ୍ୟରେ ପହଞ୍ଚିଲା ମହାନଦୀ କୂଳରେ । ମହାନଦୀର ସ୍ୱଚ୍ଛଜଳ ଓ ବାଲୁକା ରାଶିକୁ ଦେଖି ସେ ଜାଣିଲା । ଜୀବନ ବର୍ଷା ଓ ବସନ୍ତର ଏକ ସଙ୍ଗମ ନୁହେଁ ବରଂ ବର୍ଷା ଓ ରୌଦ୍ରର ଏକ ତାଣ୍ଡବ । ଅସଜଡ଼ା ଅତୀତକୁ ସାଉଁଟି ଦେହ ଓ ମନର ଯନ୍ତ୍ରଣାକୁ ଚାପିରଖି ଲତା ବସ୍ ଧରି ପହଁଞ୍ଚିଲା ତା'ର ପୂର୍ବ ଆପଣାର ଆଦିବାସୀ ଅଧ୍ୟୁଷିତ ହଷ୍ଟେଲରେ ।

ବିଭତ୍ସ ଅତୀତକୁ ଭୁଲିବା ପାଇଁ ଚେଷ୍ଟାକରୁଥିବା ସମୟରେ ତା'ମନକୁ ଜାଳିପୋଡି ଛାରଖାର କରିଦେଇଥିଲା । ବିନୁର କେଉପଦ ମିଛ - ଲତା ବାଲିଯାତ୍ରାରେ ହଜିଯାଇଛି । ଲତାକୁ ନିଜ ପାଖରେ ଦେଖି ବିନୁ ଇତସ୍ତତଃ ତଥା ହତୋତ୍ସାହିତ ହେଲା । ତା ପାଖକୁ ଆସି କହିଲା କଟକର ଘଟଣାକୁ କହିବୁନି । ନିରୀହ ଲତାର ମୁହଁରୁ ବାହାରି ଆସିଥିଲା "ଆଉ କ'ଣ ରହିଗଲା ଯେ ମୁଁ କହିବି" ବିବାହର ପ୍ରତିଶ୍ରୁତି ଦେଇ ବିନୁ ତା ମୁହଁରେ ତାଲା ପକାଇଦେଲା, ସରଳ, ନିଷ୍କପଟ, ଛନ୍ଦ ଜାଣିନଥିବା ଲତା ମନରେ ସୃଷ୍ଟି ହେଲା ଶହଶହ ଆଶାର ଦୀପ, ପ୍ରଜ୍ୱଳିତ ହେଲା ଭରସାର ବହ୍ନି । ବିନୁଭାଇ ତାକୁ ବାହା ହେବ, ସମାଜରେ ସ୍ୱୀକୃତି ଦେବ ଭାବି ତାର ବିନୁଭାଇ ପ୍ରତି ପୂର୍ବ ବିଶ୍ୱାସ ଫେରି ଆସିଲା ।

ସମୟ କାହାକୁ ଅପେକ୍ଷା କରେନି । ସମୟ ଗଡ଼ିଚାଲେ ଆଗକୁ ଆଗକୁ ବହୁତ ଆଗକୁ । ଏ କଥା ମଧ ଘଟିଥିଲା ଲତା କ୍ଷେତ୍ରରେ । ତା'ମୁଣ୍ଡରେ ବଜ୍ର ପଡିଲା, ଯେତେବେଳେ ସେ ଜାଣିଲା ସେ ହୋଇଛି ଅନ୍ତଃସତ୍ତ୍ୱା । ସେ ହେବାକୁ ଯାଉଛି ବିନୁ ସନ୍ତାନର ଜନନୀ । ହଷ୍ଟେଲରେ ଫୁସୁର୍ ଫାସୁର୍ କଥା ତୁଣ୍ଡବାଇଦ ପରି ମାଡ଼ି ଚାଲିଥାଏ । ସେ ଉତ୍‌ଫୁଲ୍ଲିତ ନାରୀ ହେବାର ସାର୍ଥକତା ଲାଭ କରିଛି, ନୂତନ ସୃଷ୍ଟି ସମ୍ଭାର ଧାରଣ କରିଛି, ଭଗବାନଙ୍କ ଅନବଦ୍ୟ ଦାନ ମାତୃତ୍ୱର,ସେ ଅନୁଭବ କରିବାକୁ ଯାଉଛି । ଏ ସବୁ ସ୍ୱପ୍ନ ଦୂରେଇ ଯାଉଛି ଯେତେବେଳେ ସେ ଭାବୁଛି ଯଦି ବିନୁଭାଇ ମୋତେ ନ ଆପଣାଏ ...... ତେବେ ଆଶଙ୍କା ସତରେ ପରିଣତ ହେଲା । ବିନୁଭାଇର ଦେଖାନାହିଁ ସତେ ଯେମିତି ଅଦୃଶ୍ୟ ଆତ୍ମା । ଗର୍ଭକଷ୍ଟ ସହିତ ବିନୁଭାଇଙ୍କୁ ଅପେକ୍ଷା କଷ୍ଟ ତାକୁ ଘାଣ୍ଟି  ପକାଉଥାଏ । ଶେଷରେ ଗର୍ଭ ଯନ୍ତ୍ରଣା ସହିନପାରି ଡାକ୍ତରଖାନାରେ ଲତା ଶେଷ ନିଶ୍ୱାସ ତ୍ୟାଗ କଲା । ବିନୁଭାଇ ଅପେକ୍ଷାର ଘଟିଲା ଅନ୍ତ ହୁଆଟି ବି ବଞ୍ଚିଲାନି । ଶବ ନେବାକୁ କେହି ଆସିଲେ ନାହିଁ । ସରକାରଙ୍କ ହରିଶ୍ଚନ୍ଦ୍ର ଯୋଜନାରେ ହେଲା ଶବଦାହ । ନାରୀ ଶକ୍ତିର ବିକାଶ ପ୍ରମାଣିତ ହେଲା ଏକ ଫାଙ୍କା ଆବାଜ । ପ୍ରଶ୍ନଉଠେ, ଲତାର ଅପମୃତ୍ୟୁ ସମାଜକୁ ଆଙ୍ଗୁଳି ଦେଖାଇ ପଚାରେ କିଏ ଦାୟୀ କୁମାରୀ ମାତୃତ୍ୱ ପାଇଁ । କୁଆଡେ ଗଲା ନାରୀବାଦୀମାନଙ୍କର ଚିରାଚରିତ ସ୍ଲୋଗାନ ସ୍ୱେଚ୍ଛାସେବୀମାନଙ୍କର ନାରୀପ୍ରତି ଦରଦ । ମାତୃତ୍ୱ ଆଶୀର୍ବାଦ ପାଇଟିଗଲା ଅଭିଶାପ । ସେତିକିରେ ସରିଯାଏନା, ଦାନ୍ତ ନେକୁଟେଇ ସମାଜର ତଥାକଥିତ ଠିକାଦାରମାନେ ଗଣମାଧ୍ୟମରେ ମୁଖ୍ୟତଃ ବିଦ୍ୟୁତ ଗଣମାଧ୍ୟମର ଶୀତ ତାପ ନିୟନ୍ତ୍ରିତ ଷ୍ଟୁଡିଓରେ ପୋଷ୍ଟମର୍ଟମ କରନ୍ତି ଲତାର ମୃତ୍ୟୁ ଓ ଲତାର ଚରିତ୍ର । ଲତା ଭଳି କୋମଳ ନିରିମାଖି କିଶୋରୀମାନଙ୍କର ଅପମୃତ୍ୟୁ ନହେଉ - କୁମାରୀ ମାତୃତ୍ୱକୁ ରୋକାଯାଉ-ଏ ଶପଥ ସମସ୍ତେ ନେଲେ ପ୍ଲାଟୋଙ୍କ ଆଦର୍ଶ ରାଷ୍ଟ୍ର ଓ ଗାନ୍ଧିଜୀଙ୍କ ରାମରାଜ୍ୟ ପ୍ରତିଷ୍ଠା ହେବ ଏଥିରେ ସନ୍ଦେହ ନାହିଁ ।

ଖ୍ରୀଷ୍ଟମହାବିଦ୍ୟାଳୟ, କଟକ

# ପ୍ରତାରଣାର ଅନ୍ୟନାମ ବିଶ୍ୱାସଘାତକ

ସୌଦାମିନୀ ଦାସ

ବର୍ଷା ଅବସର ନେଇଛି । ଟୁପର ଟାପର ଶବ୍ଦ ଆଉ ଶୁଭୁନାହିଁ, ସମୟ ଅପରାହ୍ନ ୫ଟା । ପଶ୍ଚିମ ଆକାଶରୁ କଅଁଳ ସୂର୍ଯ୍ୟ ସଂଗ୍ରାମ କରୁଛି ଭସା ବାଦଲ ଫଟାଇ ଆଗକୁ ଆସିବ ପାଇଁ । ସମୟେ ସମୟେ ଜିତୁଛି ତ ପୁଣି ହାର ମାନୁଛି । ପାଣି ବେଙ୍ଗଗୁଡ଼ିକର କେଁ କଟର ଶବ୍ଦରେ ପୋଖରୀ କୂଳଟା କମ୍ପିଉଠୁଥାଏ । ନୀଳିମା ବସି ବସି କ'ଣ ଭାବୁଛି କେଜାଣି । ଚୁପ୍ ହେଇ ବସିଛି । ହଠାତ୍ ପଛରୁ ଗୋଟିଏ କୋମଳ ସ୍ପର୍ଶ ଅନୁଭବ କରିଛି । ଚମକି ପଡି ପ୍ରଶ୍ନ କରୁଛି ଆରେ ଆଲୋକ ତମେ କେତେବେଳେ । ମୁଁ ପରା ଅଧଘଣ୍ଟା ହେଲା ତମ ପଛପଟରେ ଛିଡା ହେଇଥିଲି । ତମେ କ'ଣ ପାଗଳ ନାଁ କ'ଣ ଅଧଘଣ୍ଟା ହେଲା ଛିଡା ହେଇଛ ମତେ କହୁନାହଁ । ମୁଁ କ'ଣ ତମର ଶତ୍ରୁ ଅଟେ ତମେ ଏଠ ବସି ଏକୁଟିଆ ଏ ପ୍ରକୃତିର ସୌନ୍ଦର୍ଯ୍ୟକୁ ଅନୁଭବ କରୁଛ ମୁଁ ତମକୁ ଡିଷ୍ଟର୍ବ କରିବି । କି କଥା ? ତା ମାନେ ତମେ କ'ଣ ଏମିତି ଘଣ୍ଟା ଘଣ୍ଟା ଧରି ଛିଡା ହେଇଥିବ । ମୁଁ ତ ତମ ପାଇଁ ଜୀବନ ସାରା ଛିଡା ହେଇରହିବି । ହଉ ଆଉ ଏତେ ଫିଲୋସଫର ବନନା । ଗୋଟିଏ କଥା ପଚାରିବି ନିଳୀମା । କ'ଣ କହୁନ, ତମେ ଏତେ ସମୟ ବସି ବସି କ'ଣ ଭାବୁଥିଲ । ସତରେ କହିବାକୁ ଗଲେ ମୁଁ ତମ କଥା ଭାବୁଥିଲି । ମୁଁ ଭାବୁଛି ମୁଁ ପୃଥିବୀ ଉପରେ ଗୋଟିଏ ଭାଗ୍ୟବାନ ପ୍ରେମିକ, କାରଣ ମୁଁ ତମପରି ଗୋଟିଏ ପ୍ରେମିକା ପାଇଛି।

ନୀଳିମା ଓ ଆଲୋକ ସହପାଠୀ, ଦୁହେଁ ପ୍ରଥମ ଶ୍ରେଣୀରୁ କଲେଜ ପର୍ଯ୍ୟନ୍ତ ଏକାଠି ପାଠପଢ଼ିଛନ୍ତି । ଦୁହିଁଙ୍କ ପରିବାର ଭିତରେ ଅନେକ ଦିନରୁ ଘନିଷ୍ଠତା ଅଛି । ଦୁହେଁ ପରସ୍ପରକୁ ଅତି ନିବିଡ଼ ଭାବରେ ଭଲପାଆନ୍ତି । ନୀଳିମାର ମା ମଧ୍ୟ ଆଲେକକୁ ଅତି ସ୍ନେହ କରିଥାନ୍ତି । ଘରକୁ ଆସିଲେ ଘରର ସମସ୍ତ ପରିବାର ତାକୁ ଆଦର କରିଥାନ୍ତି । ଆଲୋକ ଉଚ୍ଚକୋଟିର ଶିକ୍ଷିତ ଯୁବକ । କଲେଜ ପାଠ ପଢ଼ା ସରିଲାପରେ ଆଲୋକ ଏବଂ ନୀଳିମା ଦୁହେଁ ବ୍ୟାଙ୍କ ପିଓ ପାଇଁ ପ୍ରିପାରେସନ ଆରମ୍ଭ କରିଥାନ୍ତି । ଆଲୋକ ନିଜ ପାଠପଢ଼ା ପଛକୁ ରଖି ନୀଳିମା ର ସବୁବେଳେ ଯତ୍ନ ନେଉଥାଏ । ତା ପାଠ ପଢ଼ା ଠାରୁ ଆରମ୍ଭ କରି ତାର ସମସ୍ତ ଦାୟିତ୍ୱ ବହନ କରିଥାଏ ।

ପାଠ ପଢୁଥିଲା ବେଳେ ଆଲୋକ କହିବସେ ଦେଖ ନୀଳିମା ମୁଁ ଚାହୁଁଛି ତମେ ଆଗରେ ଚାକିରୀ ପାଇଯାଅ । ମୁଁ ଜଗନ୍ନାଥଙ୍କ ପାଖରେ ନଢ଼ିଆ ବସେଇଛି । ତମେ କାହିଁକି ମୋ ପାଇଁ ନଡିଆ ବସେଇଛ, ବିରକ୍ତ ହେଇ ପ୍ରଶ୍ନକରେ ନୀଳିମା । ତମର କ'ଣ ଆଉକିଛି କାମଧନ୍ଦା ନାହିଁ, କିନ୍ତୁ ଦେଖ ମୋ ମନ କହୁଛି ତମେ ଆଗେ ଚାକିରୀ ପାଇଯିବ । ତମେ ପାଇଗଲେ ମୁଁ ଆଉ ଏତେ ପରିଶ୍ରମ କରିବିନି । ମତେ ଯାହା ଖୁସି ଲାଗିବ ତାହା କରିବି । ହଉ ହେଲା, ମୁଁ ଚାକିରୀ କରି ପଇସା ଆଣି ଆମେ ଦୁହେଁ ସେଥିରେ ଚଳିବା । ମୋ ମନରେ ବି ଅନେକ ଆଶା ଅଛି ମୁଁ ଦରମା ପାଇଲେ ପ୍ରଥମେ ମୋ ବାପା ମା ଏବଂ ତାପରେ ତମକୁ ଦେବି । ତମେ ମତେ ଯେତିକି ସାହାଯ୍ୟ କରିଛ ମୁଁ କେବେବି ଭୁଲି ପାରିବିନି । ଏତିକି କହି ନୀଳିମା, ଆଲୋକର ମୁହଁରେ ଗୋଟିଏ ଚୁମ୍ବନର ସରଳ ରେଖା ଆଙ୍କି ଦେଲା । ନୀଳିମାକୁ ଛାତିରେ ଚିପିଧରି ଆଲୋକ ମନରେ ଅଫୁରନ୍ତ ଆଶା ସଞ୍ଚାର ହେଉଥିଲା । ସେ ଅନୁଭବ କଲା ଯେ, ଆଜି ଜୀବନର ପୂର୍ଣ୍ଣତା ଆସିଛି । ତାକୁ ବଞ୍ଚିବା ପାଇଁ ଗୋଟିଏ ସାହାରା ମିଳିଯାଇଛି । ତା'ର ନୀଳିମା ପ୍ରତି ଭଲପାଇବା ଏବଂ ବିଶ୍ୱାସ ଅଧିକରୁ ଅଧିକ ବଢ଼ି ଯାଇଛି । ତା' ପାଇଁ ନୀଳିମା ଅତି ମୂଲ୍ୟବାନ ବସ୍ତୁ ଯାହାକୁ ନେଇ ସେ ସାରା ଦୁନିଆ ସଙ୍ଗରେ ସଂଗ୍ରାମ କରିବ ।

ସମୟ ଦିନକୁ ଦିନ ବହି ଚାଲିଥାଏ । ସମୟ ସଙ୍ଗରେ ମଣିଷର ମଧ୍ୟ ଜୀବନ ବଦଳିଯାଏ । ଏହି ସମୟ ଭିତରେ ନୀଳିମାର ବ୍ୟାଙ୍କ ଚାକିରୀ ହେଇଛି । ତାର ଚାକିରୀ ପାଇଁ ୭୦ ହଜାର ଟଙ୍କା ଆବଶ୍ୟକ ଥିବାରୁ ଆଲେକ ତା ମା'ର ଅଳଙ୍କାରକୁ ବନ୍ଧା ରଖି ତାକୁ ଚାକିରୀ କରିବା ପାଇଁ ଦେଇଛି । ନୀଳିମାର ଚାକିରୀ ରେଜଲ୍ଟ ବାହାରିବା ଦିନ

ଆଲୋକ ଖୁସିରେ ଆତ୍ମହରା ହେଇପଡିଥିଲେ । ସେ ନିଜେ ଫେଲ୍ ହେଇମଧ୍ୟ ତା ମନରେ ଟିକିଏ ଅବଶେଷ ନଥିଲା । ସାଙ୍ଗସାଥୀ ସମସ୍ତଙ୍କୁ ଡାକି ଭୋଜି ଦେଇଥିଲା । ନୀଳିମା ମଧ୍ୟ ତା ଖୁସିରେ ସାମିଲ୍ ହେଇ ଉପଭୋଗ କରିଥିଲା ।

ଦିନକୁ ଦିନ ସମୟ ଗଡ଼ିଚାଲିଲା, ନୀଳିମା ଭାରି ବ୍ୟସ୍ତ ହେଇ ପଡୁଥିଲା, ଆଲୋକର ଚାକିରୀକୁ ନେଇ । ଆଲୋକ ଯେତେ ଇଣ୍ଟରଭ୍ୟୁ ଦେଉଥିଲା ସେ ସଫଳ ହେଇପାରିଲା ନାହିଁ । ଶେଷରେ ଡିସିସନ ନେଇ ଗୋଟିଏ ଗହଣା ଦୋକାନ ଖୋଲିବା ପାଇଁ । ଏଥିରେ ମଧ୍ୟ ନୀଳିମାର ସ୍ୱୀକାରୋକ୍ତି ଥିଲା । ସମସୟକୁ ସମୟ ନୀଳିମାର ବୟସ ବଢ଼ି ଚାଲିଥାଏ । ତା ବାପା ମାଆଙ୍କୁ ତା ବାହାଘର ପାଇଁ ଚିନ୍ତା ବଢ଼ିଚାଲିଥାଏ । ତାଙ୍କର ଆଲୋକ ପ୍ରତି ଆଉ ସେ ଭଲପାଇବା ଓ ଶ୍ରଦ୍ଧା କମିଯାଉଥାଏ । ତାକୁନେଇ ଯେଉଁ ସ୍ୱପ୍ନ ଦେଖୁଥିଲେ, ସେ ସ୍ୱପ୍ନରେ ଭଟା ପଡିଯାଉଥାଏ। କାହିଁ ତାଙ୍କ ଝିଅ ବ୍ୟାଙ୍କ ଅଫିସର ଆଉ ଆଲେକ ଗହଣା ଦୋକାନୀ ।

ନୀଳିମାର ବାପା ତାର ମା'କୁ ଝିଅ ବାହାଘର ବିଷୟରେ ପଚାରି ବୁଝନ୍ତି ।

– ହଇଓ ଆଉ କେତେଦିନ ଝିଅକୁ ରଖିବା । ଭଲ ଭଲ ପ୍ରସ୍ତାବମାନତ ଆସୁଛି ତମେ ଯାଇ ଗୋଟିଏ ମଧ୍ୟସ୍ତି କୁ କହନ୍ତୁ ଆମ ମନମୁତାବକ ପ୍ରସ୍ତାବ ଆଣିଦେବ ।

– କଥା ସେଠି ନାହିଁ କଥା ହେଲା ଆଲୋକ ଆଉ ଆମ ଝିଅର ସମ୍ପର୍କ ।

– ଆରେ ଦେଖ ଏଇ ବୟସରେ ଏମିତି ସମ୍ପର୍କ ହୋଇ ଉଠେ । ସେ କ'ଣ ବାସ୍ତବଜୀବନରେ କିଛି ଫଳପ୍ରଦ ହୁଏ

– କିନ୍ତୁ ଆଲୋକଟା ଅତି ସରଳ ଓ ଅମାୟିକ ପିଲାଟା, ତାର ନୀଳିମା ପ୍ରତି ଅହେତୁକ ପ୍ରେମ ରହିଛି ।

– ସେ ପ୍ରେମରୁ କ'ଣ ମିଳିବ । ସେ ଯାହା ହେଲେ ବି ସେ ଗୋଟିଏ ଗହଣା ଦୋକାନୀ ଆଉ ଆମ ଝିଅ ବ୍ୟାଙ୍କ ଅଫିସର ।

– ଯଦି ଆମେ ଝିଅକୁ ଅନ୍ୟଆଡେ ବିବାହ ଦେବା ତାର ଅବସ୍ଥା କ'ଣ ହେବ ଯେ ?

– କିଛି ହେବନାହିଁ ଆମେ ଆମ ଝିଅର ଭବିଷ୍ୟତକୁ ଦେଖିବା ନା ତା କଥାକୁ ଦେଖିବା । ଧୀରେ ଧୀରେ ସେ ସବୁକିଛି ଭୁଲି ଯିବ । ତା' ଛଡ଼ା ତାକୁ ତ ଷ୍ଟାଣ୍ଡାର୍ଡର ଗୋଟିଏ ପାତ୍ର ଯୋଗାଡ କରିଦେଲେ ସେ ଖୁସିରେ ରହିବ । ମୁଁ ଝିଅକୁ ସବୁ ବୁଝାଇ ଦେବି । ତାକୁ ବି ଆଗରୁ ଏ ବିଷୟରେ କହି ଆଲୋଚନା କରିଛି ।

– ତା'ର ଉତ୍ତର କ'ଣ ଥିଲା ।

– ସେ ନୀରବ ଥିଲା, ମୁଁ ଭାବୁଛି ସେ ହୁଏତ ଆମେ ଯାହା ଭାବୁଛେ ସେ ଠିକ୍ ସେଇଆ ଭାବୁଥିବ ଯାହା ହେଲେବି ସେ କ'ଣ ଦୋକାନୀ ଟାର ହାତଧରି ସମାଜରେ ଠିଆ ହେଇ ପାରିବ । ଠିକ୍ ଅଛି ତୁମେମାନେ ଯାହା ଭାବିବ ମୁଁ ସେଇଆ କରିବି ।

ଏହି ସମୟରେ ଆଲୋକ ଆସି ପଚାରିଛି ମାଉସୀ ନୀଳିମା କ'ଣ ଦେଖାନାହିଁ, ଗଲା ପନ୍ଦର ଦିନ ହେଲାଣି ସେ କାହିଁକି ମୋ ଦୋକାନ ଆଡେ ଆସିନି ।

ଆଲୋକକୁ ବସିବାକୁ ନକହି ନୀଳିମାର ମା' ଉତ୍ତର ଦେଲେ ତମର କ'ଣ କାମଥିଲା କହନ୍ତୁ ତାକୁ କହିଦେବି ।

– କିଛି କାମ ନଥିଲା କେତେଦିନ ହେଲା ଦେଖା ହେଇନିତ, ମନଟା ଭାରି ବ୍ୟସ୍ତ ଲାଗୁଥିଲା ଭାବିଲି ଟିକେ ବୁଲିଆସେ ।

– ତମେ କାହିଁକି ତା' କଥା ଏତେ ଭାବୁଛ, ସେ ଠିକ୍ ଅଛି । ଆମେ ତା କଥା ଭାବୁଛୁ । ତମର ଆଉ ଏତେ ଭାବିବା ଠିକ୍ କଥା ନୁହେଁ । ହଠାତ୍ ଆଲୋକ ଆଶ୍ଚର୍ଯ୍ୟ ହେଇଯାଇଛି ଆଜି ମାଉସୀଙ୍କର ଏମିତି କ'ଣ ବ୍ୟବହାର । କାହିଁ ଦୀର୍ଘ ୨୫ ବର୍ଷ ସମ୍ପର୍କରେ ସେତ କେବେବି ଏମିତି ବ୍ୟବହାର କରିନଥିଲେ । ତାଙ୍କର କ'ଣ ହେଇଛି । ଆଜି କ'ଣ ମତେ ବସିବାକୁ କହୁନାହାଁନ୍ତି କି ତାଙ୍କର ହାତ ରନ୍ଧା କ୍ଷିରି ଆଣି ଦେଉ ନାହାଁନ୍ତି ।

ଆଲୋକ ଆସି ତାଙ୍କ ଘରେ ପହଞ୍ଚିଲା ମାତ୍ରେ ନିଳୀମାର ମା ସବୁବେଳେ ଆଲୋକ ପାଇଁ କ୍ଷିରି କରିଥାନ୍ତି । ଆସିଲା ମାତ୍ରେ ତାକୁ ନିଜ ହାତରେ ଦୁଇଥର ଖୁଆଇବା ପର୍ଯ୍ୟନ୍ତ ଲାଗି ରହିଥାନ୍ତି ।

– ଦୀର୍ଘ ନିଶ୍ୱାସ ପରେ ଆଲୋକ ପଚାରିଛି ମାଉସି ଆପଣ ଭଲ ଅଛନ୍ତିତ !

– ହଁ ଆମେ ସମସ୍ତେ ଭଲରେ ଅଛୁ ।

ଏହି ସମୟରେ ନୀଳିମାର ବାପା ଉତ୍ତର ଦିଅନ୍ତି।

– ବୁଝିଲ ଆଲୋକ ଏବେ ସମୟ ଆସିଛି ତମେ ସବୁ ନିଜ ନିଜ ଭବିଷ୍ୟତ ବିଷୟ ଚିନ୍ତା କରିବା ପାଇଁ । ନିଜ ରାସ୍ତାରେ ନିଜେ ଦୌଡିବା ଦରକାର । ଆଉ ଯଦି ଏତେ ମିଳାମିଶା କରିବ ସମୟ ନଷ୍ଟ କରିବ ତା ହେଲେ ତୁମମାନଙ୍କର ଭବିଷ୍ୟତ କ'ଣ ହେବ ?

ଆଲୋକ ନୀରବ ରହେ, କିଛି ନଭାବି ସେ ସ୍ଥାନରୁ ପ୍ରସ୍ଥାନ କରେ । କିନ୍ତୁ ବୁଝି ପାରେନା ଆଜି ଏମାନଙ୍କର ଏପରି ବ୍ୟବହାର କାହିଁକି ? ଆଲୋକର ଦୁନିଆରେ ଦୁଇଟି ସାଥୀ, ଗୋଟିଏ ତାର ପ୍ରେମିକା ନୀଳିମା ଆଉ ତା'ର ବାଲ୍ୟବନ୍ଧୁ ବିଜୟ । ଉଭୟ ପରସ୍ପର ଜଣାଶୁଣା । ବିଜୟ ପୁଣି ନୀଳିମା ବ୍ୟାଙ୍କରେ କ୍ଲର୍କ ଚାକିରୀ କରେ । ଆଲୋକ ଦୁଃଖରେ ଭାଙ୍ଗିପଡି ବିଜୟ ପାଖରେ ପହଞ୍ଚି ତା'ର ଦୁଃଖକୁ ବ୍ୟକ୍ତ କରିଛି । ଉତ୍ତରରେ ବିଜୟ କହିଛି .....

– ବୁଝିଲ ବନ୍ଧୁ ବହୁତ ଦିନ ହେବ ମୁଁ ତମକୁ କେତେକଥା କହିବାକୁ ଚାହୁଁଛି । କିନ୍ତୁ ଆଜି ସମୟ ଆସିଛି ସବୁ କହିଦେବି ।

ମୁଁ ବୁଝି ପାରିଲି ନାହିଁ ଆଲୋକ । ଦେଖ୍ କିଛି ଦିନ ହେଲାଣି ନୀଳିମାର ଗତିବିଧି ମତେ ଠିକ୍ ଲାଗୁନି । ତାର ଆଦର୍ଶବାବୁଙ୍କ ସଙ୍ଗରେ ମିଳାମିଶା ସୀମା ଟପି ଯାଉଛି।

– ସେ ଆଦର୍ଶ ବାବୁ କିଏ ?

– ସେ ଆମ ଅଫିସ୍‌ର ସହ ଅଧିକାରୀ ଅଟନ୍ତି । ସେମାନେ ବହୁଥର ବାହାରକୁ ଏକା ସଙ୍ଗରେ ଯିବା ମୁଁ ଲକ୍ଷ କରିଛି ।

– ମୁଁ ବିଶ୍ୱାସ କରି ପାରୁନାହିଁ ବିଜୟ !

– ତୁ ବିଶ୍ୱାସ ନକଲେ ମଧ ଏହା ସତ୍ୟ ।

– ତୁ ଗୋଟେ କାମ କର ତୁ ନୀଳିମାକୁ ବିଭାଘର କଥା ପଚାରି ଦେଉନୁ କାହିଁକି ?

– ଆଜି ହିଁ ଏ କଥାର ଗୋଟିଏ ସମାଧାନ କରିବି, କହି ଆଲୋକ ସେ ସ୍ଥାନ ଛାଡି ଚାଲି ଯାଇଛି ଆଉ ନିଳୀମାର ଅଫିସ୍ ରାସ୍ତାରେ ଆସିବାକୁ ଅପେକ୍ଷା କରିଛି । ଦୂରରୁ ଲକ୍ଷକରୁଛି ନୀଳିମା ଆଉ ଜଣେ ଯୁବକ ସଙ୍ଗରେ କଥା ହେଇ ରାସ୍ତାରେ ତା ପାଖରୁ ଆସୁଛନ୍ତି ।

– ନୀଳିମା ଆଲୋକକୁ ଦେଖି ଇତସ୍ତତ ହେଇ ପଡିଛି । ପଚାରି ବୁଝିଛି ତମେ ଏଠି କ'ଣ ?

– ମୁଁ ତମକୁ ଅପେକ୍ଷା କରିଛି ।

– ଘରକୁ ଆସିଲନି ?

– ଯାଇଥିଲି କିନ୍ତୁ ତମର ଦେଖାମିଳିଲାନି ।

– ମୁଁ ଆଜି କାଲି ଭାରି ବ୍ୟସ୍ତ ରହୁଛି ତେଣୁ ଦେଖା କରିପାରୁନି ।

– ତାହା ହେଲେ ତମ ବନ୍ଧୁଙ୍କ ସଙ୍ଗରେ ପରିଚୟ କରାଅ ।

– ଆରେ ମୁଁ ଭୁଲି ଯାଇଥିଲି । ହଁ ଏ ହେଲେ ଆଦର୍ଶ । ଆମ ଅଫିସରେ ମୋ ସାଙ୍ଗରେ କାମ କରନ୍ତି ।

– ଆଲୋକ ହାତ ବଢେଇଲା ଆଦର୍ଶ ବାବୁଙ୍କୁ ହାତ ମିଳେଇବା ପାଇଁ କିନ୍ତୁ ଆଦର୍ଶ ତାକୁ ହାତଯୋଡ଼ି ପ୍ରଣାମ କଲେ । ଅଳ୍ପ ବାର୍ତ୍ତାଳାପ ପରେ ନୀଳିମା ଆଲୋକ ଦୁହେଁ ତାଙ୍କର ଘର ଆଡକୁ ଆସିଲେ ।

– ବାଟରେ ଆଲୋକ ପ୍ରଶ୍ନ କରେ ନୀଳିମା ତମେ ଟିକେ ବଦଳିଗଲାପରି ଲାଗୁଛ ।

– ନାହିଁ ତ ମୁଁ ଯେମିତି ଥିଲି ସେମିତି ଅଛି ।

– ତା ହେଲେ ମୋର ନୀଳିମାର କୌଣସି ପରିବର୍ତ୍ତନ ହୋଇନାହିଁ । ଦେଖ ଗୋଟିଏ କଥା ପଚାରିବି

– ପଚାର ଗୋଟିଏ କାହିଁକି ହଜାରେ କଥା ପଚାର ଆଲୋକ ।

– ଆଉ କେତେଦିନ ଆମେ ବୁଲିବା, ଚାଲ ଆମେ ସ୍ୱପ୍ନର ସଂସାର ଗଢ଼ିବା ପାଇଁ ଯୋଜନା କରିବା।

–ନୀଳିମା ଟିକେ ରହିଯାଇ କହିଛି, ମତେ ଆଉ ଥରେ ଭାବିବାକୁ ଦିଅ ଆଲୋକ । ଦୀର୍ଘ ୨୫ ବର୍ଷ ସଂପର୍କ ପରେ ତମେ ଆଉ ଥରେ କ'ଣ ଭାବିବ ।

– ଏ ବିଷୟରେ ଆମେ କାଲି କଥାହେବା ଆଜି

ମୁଁ ଭାରି ଟାଏର୍ଡ୍ ହେଇଗଲିଣି । କାଲି ତମ ଦୋକାନ ଆଡକୁ ଆସିବି ବସି କଥା ହେବା । ଏହାପରେ ନୀଳିମା ତରତର ହେଇ ତାର ଘରକୁ ଚାଲିଗଲା ।

ନୀଳିମା ଘରେ ଯାଇ ପହନ୍ଚିଛି ଏ ପାଖେ ତା ମା ର ଡାଗିଦ୍ ।

– ଆଲୋ ମା' ଆଜି କ'ଣ ତୋର ଏତେ ଡେରି ?

– ସେ ଆଲୋକ ବାଟରେ ଦେଖା ହେଲାତ ସେଥିପାଇଁ ଡେରି ହୋଇଗଲା ।

– ତୁ ତା ସାଙ୍ଗରେ ଏତେ କଥା କାହିଁକି ହେଉଥିଲୁ ।

– ମୁଁ ନ ଚାହିଁଲେ ମଧ୍ୟ ସେ ମତେ ଛାଡିନଥିଲା।

– ସେ ପରା ଆଜି ତୁ ଅଫିସ୍ ଗଲାପରେ ତତେ ଖୋଜୁଥିଲା ।

– ମୁଁ କ'ଣ କରିପାରିବି ମା' ତୁ କହୁନୁ ମୁଁ ଆଦର୍ଶ ବାବୁଙ୍କୁ କଥା ଦେଇ ସାରିଲାଣି ।

– ହଁ ତୁ ଠିକ୍ କରିଛୁ ଆଦର୍ଶ ବାବୁ ତେ ଷ୍ଟାଣ୍ଡାର୍ଡର ତାଙ୍କ ସଙ୍ଗରେ ତୋର ବିବାହ ହେଲେ ତତେ ଭାରି ମ୍ୟାଚ କରିବ ।

– ଆଲୋକ କଥାକୁ କ'ଣ କରିବା ?

– କାଲି ରବିବାର ଅଛି ଛୁଟିଦିନ ତାକୁ ଡାକି ତା ଟଙ୍କା ତାକୁ ଫେରାଇ ଦେବା, ଆଉ ତାକୁ ସବୁ ବୁଝାଇ ଦେବା ଯଦି ନବୁଝିବ କ'ଣ କରିବା ?

– ତା ହେଲେ ତା ପାଇଁ ଗୋଟିଏ ବ୍ୟବସ୍ଥା କରିବା, କାଲି ସେ ଆସୁ ବାପା ତ ଘରେ ଥିବେ ।

ଆଲୋକ ପାଖକୁ ଖବର ପଠାଇ ନୀଳିମା ଆଉ ତାର ମା' ବାପା ଚିନ୍ତା କରୁଥାନ୍ତି ଏ କଣ୍ଟା କୁ କିପରି ବାଟରୁ ହଟେଇବେ । ତା'ପରେ ସକାଳ ଆଠଟା ଆଲୋକ ଅତି ଖୁସିରେ ନୀଳିମାର ଗୃହକୁ ପ୍ରବେଶ କରେ । ପଚାରି ବୁଝେ ତାର ମା'କୁ ନୀଳିମା କାହିଁ ? ଉତ୍ତରରେ ସେ ପାଏ ନୀଳିମା ଟଙ୍କା ଆଣି ଆସୁଛି, ଟିକେ ଅପେକ୍ଷା କର।

– କେଉଁ ଟଙ୍କା ?

– କ'ଣ ବୁଝିପାରୁନ ? ଯେଉଁ ଟଙ୍କା ତା ଚାକିରୀ ବେଳେ ତମେ ଦେଇଥିଲ !

– ମୁଁ ସେ କଥା କେବେ କହିନାହିଁ ?

– ଏହି ସମୟରେ ନୀଳିମା ଆସେ ଟଙ୍କାତକ ଆଲୋକ ହାତକୁ ବଢ଼ାଇ ଦେଇ କୁହେ, ଦେଖ ଆଲୋକ ବହୁତ ହେଇଗଲା ତମେ ତମ ଟଙ୍କା ନେଇ ଯାଅ, ଆଉ ଏଠାକୁ ଆସ ନାହିଁ ।

– ଆଲୋକ ପ୍ରଶ୍ନକରେ ଆଉ ଆମ ବିଭାଘର କଥା ।

– ନୀଳିମାର ବାପା ପଛପଟରୁ ଆସି କୁହନ୍ତି କି ବିଭାଘର, ଆଜି ନୀଳିମା ଗୋଟିଏ ବ୍ୟାଙ୍କ ଅଫିସର ତମେ କ'ଣ ଅଟ ? ତମେ ଏ ସ୍ୱପ୍ନ କେଉଁ ସାହାସରେ ଦେଖୁଛ, କହି ଆଲୋକକୁ ଜୋର୍ କିନା ଭିଡ଼ି ଆଣିଥାନ୍ତି।

– ଆଲୋକ ପ୍ରତିଶୋଧ ପରାୟଣ ହୋଇ ଚିତ୍କାର କରେ ମୁଁ ଏ ଧୋକାବାଜିର ପ୍ରତିଶୋଧ ନେବି । ଏତିକି ବେଳେ ନୀଳିମା ଏକ ଶକ୍ତ ଫୁଲଦାନିରେ ଆଲୋକର ମୁଣ୍ଡକୁ ଆଘାତ କରିଥାଏ । ସେ ଅଚେତ ଅବସ୍ଥାରେ ପଡିରହେ । ଅଚେତ୍ ପୂର୍ବରୁ ଅନୁଭବ କରେ କି ଜୀବନ ଆଜି ତା'ର ଅତି ଆପଣାର ନୀଳିମା ତା'ର ମୃତ୍ୟୁର କାରଣ ହୋଇଛି । ଆଜି ଧର୍ମଶାସ୍ତ୍ର ଭୁଲ୍ ପ୍ରମାଣ ହେଇଛି । ଯେଉଁପି ସତ୍ୟଭାମା ଜୀବନକୁ ସାବିତ୍ରୀ ଯମ ଠାରୁ ଛଡେଇ ଆଣିଥିଲେ । ଆଜି ଏହି ନାରୀ ସାବିତ୍ରୀ ନାଁରେ ଗୋଟିଏ କଳଙ୍କ । ଅଧିକ ରକ୍ତ ସ୍ରାବ ଯୋଗୁ ଆଲୋକର ପ୍ରାଣ ବାୟୁ ଉଡି ଯାଇଥିଲା । ନୀଳିମା ଆଉ ତାର ବାପା ମା' ତାର ଶବକୁ ଲୁଚେଇବା ପାଇଁ ସବୁ ପ୍ରକାର ଚେଷ୍ଟା କଲେ କିନ୍ତୁ ବିଫଳ ହେଲେ । ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଲା । ଖବର ପାଇ ବନ୍ଧୁ ବିଜୟ ଆସି ପହଁଚେ । ପ୍ରଶ୍ନ କରି ବସେ ନିଜକୁ ବାସ୍ତବରେ ମଣିଷ ଜୀବନରେ କ'ଣ ପ୍ରେମର କିଛି ମୂଲ୍ୟନାହିଁ । ଏ ମିଥ୍ୟା ବସ୍ତୁ ବାଦୀ ଜୀବନ ପଛରେ ଆମେ ଆଉ କେତେ ଦିନ ...

ମହାନଦୀ ବିହାର ମହାବିଦ୍ୟାଳୟ, କଟକ

# ନିର୍ଦ୍ଦୟ

**ଡଃ. ନିରୋଦ କୁମାର ମଣ୍ଡ**

କାନ ଅତରା ପଡ଼ିଯାଉଥାଏ ଛେଳି ଛୁଆଟିର ମେଁ ମେଁ ରଡ଼ିରେ । ବନ୍ଧାଯାଇଥିବା ଖୁଣ୍ଟ ମୂଳେ ପଡ଼ିଥାଏ ଘାସ, କିନ୍ତୁ ରଡ଼ିଚାଲିଥାଏ ଘାସ ନଖାଇ । ଏ ସମସ୍ତ ଦେଖି ବ୍ୟସ୍ତହୋଇପଡନ୍ତି ନରେନ୍‌ର ବାପା, ମା' । କିଛି ଅସୁବିଧା ହୋଇଥିବା ଭାବି ନଜର ପକାଇଲେ ଗୁହାଳର ଚାରିଆଡ । କାରଣ ବେଳେବେଳେ ସାପ କି ବିଷାକ୍ତ ଜନ୍ତୁ ଦେଖିଲେ ରଡ଼ିକରେ, କିନ୍ତୁ ଦେଖିଲେ କିଛିନାହିଁ । ଚାରିଆଡ ସଫାସୁତରା, ଘାସଭିତରେ କିଛିଥିବା ଭାବି ଲୋଉଟ ପାଉଟ କଲେ କିଛି ନଥାଏ । ତା'ପରେ ଛେଳିକୁ ସ୍ନେହବୋଳା କଣ୍ଠରେ କହିଲେ ପାଟି ବନ୍ଦ କରିବାକୁ । ଛେଳି ରଡି କରୁଥାଏ ଭାରି ଜିଦ୍‌ଧରି । ଯେପରି ଖେଳଣା ନପାଇଲେ ଛୋଟପିଲା । ଉଭୟଙ୍କ ପ୍ରଚେଷ୍ଟା ହାରମାନିଲା ରଡ଼ି ନିକଟରେ । ଏହି ସମୟରେ ନରେନ୍ ଆସିଲା ସ୍କୁଲ୍‌ରୁ । ନରେନ୍‌କୁ ଦେଖି ହଠାତ୍ ବନ୍ଦ ହୋଇଗଲା ଛେଳିଟିର ରଡ଼ି । ନରେନ୍ ଓ ଛେଳିଛୁଆ କିଛି ସମୟ ପାଇଁ ଗେଲ କରିଚାଲିଲେ ଦୁହେଁ ଦୁହିଁଙ୍କୁ । ଛେଳି ଛୁଆଟି ଢାଇ ଢାଇ କରୁଥାଏ ତା'ର କଅଁଳିଆ ମୁଣ୍ଡରେ ନରେନ୍‌କୁ । ବାରିହେଉଥାଏ ଉଭୟଙ୍କ ଅସୀମ ଖୁସି । ଏହା ତାଙ୍କର ନିତିଦିନିଆ । ମଣିଷଛୁଆ ଓ ଛେଳିଛୁଆ ମଧ୍ୟରେ ନଥାଏ ଫରକ୍ । ଥାଏ କେବଳ ଶରୀର । ନଚେତ୍ ଗୋଟିଏ ସୂତ୍ରରେ ବନ୍ଧା ତାଙ୍କର ମନ ଓ ଭାବନା । ଏ ସମସ୍ତ ଦେଖି ଖୁସି ହେଉଥାନ୍ତି । ବାପା ଓ ମା, ମା' ଛେଳିଟି ମରିଯାଇଥିଲା ଛେଳିଛୁଆଟିକୁ ଜନ୍ମଦେଇ । ଜନ୍ମ ସମୟର ଲାଳ ଲଟପଟ ଦେହକୁ ପୋଛିନେଇ ମା'ର ସ୍ନେହ ଦେଇଆସିଛି ନରେନ୍‌ର ମା' । କ୍ଷୀରବୋତଲରେ କ୍ଷୀରଦେଇ କର୍ତ୍ତବ୍ୟ କରିଛି ଜନ୍ମକଲା ମା'ର । କିଛି ଫରକ୍ ଦେଖିନି ନିଜଛୁଆ ଓ ଛେଳିଛୁଆ ମଧ୍ୟରେ । ସମୟ ସହ ତାଳଦେଇ ବଢ଼ି ଆସିଛନ୍ତି ନରେନ୍ ଓ ଛେଳିଛୁଆ । କଥା କହି ଆସିଛନ୍ତି ଖନେଇ ଖନେଇ କେବଳ ଏତକି ତଫାତ୍, ନରେନ୍‌ର ବିଭିନ୍ନ ସ୍ୱର କିନ୍ତୁ ଛେଳି ଛୁଆଟିର ଗୋଟିଏ ସ୍ୱର, ତଥାପି କିଛି ଭୁଲ୍ ନଥାଏ ଭାବ ଦିଆନିଆରେ ।

ନରେନ୍ ଯେତେବେଳେ ବହି ବସ୍ତାନି ଧରି ସ୍କୁଲ୍‌କୁ ଯାଏ ସେତେବେଳେ ଛେଳି ଛୁଆଟି ତା' ଉପରେ ରାଗେ । ଗୁହାଳକୁ ଚାଲିଯାଏ ଅଭିମାନ କରି । ଯେତେ ଡାକିଲେ ବି ଆସେ ନାହିଁ । ଗୁହାଳର ଗୋଟିଏ କୋଣରେ ମୁହଁକୁ ପଛକରି ଠିଆ ହୁଏ । ନରେନ୍‌ର ବାପା, ମା' ନରେନ୍‌କୁ ସ୍କୁଲକୁ ନେଇଗଲା ବେଳେ କିଛି ସମୟ ଚାହିଁରହେ ଗୁହାଳ ଫାଙ୍କରେ । ତାପରେ ଶୋଇଯାଏ କିଛି ଖାଇ । ନରେନ୍‌ର ଆସିବା ସମୟ ଚାରିଟାରୁ ଟିକେ ଡେରିହୋଇଗଲେ ରଡ଼ିକରେ ଛେଳିଛୁଆଟି । ଘରେ ସମସ୍ତେ ବ୍ୟସ୍ତ ହୋଇପଡ଼ନ୍ତି କିନ୍ତୁ ନରେନ୍ ଆସିଗଲେ ସବୁ ଠିକ୍ ଠାକ୍ । ଉଭୟ ଏକାଠି ହୋଇଗଲେ ବାରିହୋଇଯାଏ ହସ ହସ ମୁହଁ । ନରେନ୍ ମଣିଷ ଛୁଆ ହେଲେ ମଧ୍ୟ ତା'ର ଅନ୍ତରଙ୍ଗ ବନ୍ଧୁ ଏ ଛେଳିଛୁଆ । ବାହାରର ଅନ୍ୟ ପିଲାମାନଙ୍କ ସହିତ ମିଶେ ନାହିଁ । ସ୍କୁଲରେ ଯାହା କିଛି ପଢ଼ାଯାଇଥାଏ, ନରେନ୍ ସାର୍‌ଙ୍କ ଭଳି ଖଣ୍ଡେ ଛାଟ ଧରି ପାଠ ଶିଖାଏ ଛେଳି ଛୁଆଟିକୁ । ଛେଳି ଛୁଆଟି ମଧ୍ୟ ଶ୍ରେଣୀରେ ଛାତ୍ରପରି ମୁଣ୍ଡ ଟୁଙ୍ଗାରେ । ପଢ଼ାଶେଷ ହୋଇଗଲେ ଆଗଗୋଡ଼ ଦୁଇଟିକୁ ଟେକି ନମସ୍କାର କରେ

ନରେନ୍‌କୁ । ଏ ସମସ୍ତ ଦେଖି ଖୁସିହୋଇପଡ଼ନ୍ତି ବାପା, ମା' । ମନେ ମନେ ଚିନ୍ତା କରନ୍ତି ଏମାନଙ୍କ ମଧ୍ୟରେ କେଡେ ଅନାବିଳ ସମ୍ପର୍କ । ଉଭୟ ଉଭୟଙ୍କ ଠାରୁ ଟିକିଏ ସମୟ ଅଲଗା ହୋଇଗଲେ ବ୍ୟସ୍ତ ହୋଇପଡ଼ନ୍ତି ।

ମଣିଷଛୁଆର ବୟସ ବଢ଼ିଲେ ତା ଉପରେ କେହି ନଜର ଦିଅନ୍ତି ନାହିଁ କିନ୍ତୁ ଛେଳି ଛୁଆ ଉପରେ ସମସ୍ତଙ୍କ ନଜର । ଦୁଇ ଦୁଇଥର ମୂଲ କଲାଣି କଂସେଇ । ନରେନ୍ ସ୍କୁଲ୍‌କୁ ଯିବାପରେ ହୁଏ ମୂଲଚାଲ । କଂସେଇକୁ ଦେଖି ଖୁସିହୁଏ ଛେଳିଛୁଆ । ସେ ଭାବେ ସାର୍ ହେଉଛନ୍ତି କଂସେଇ । ନରେନ୍ ପରି ସେ ମଧ୍ୟ ପାଠପଢ଼ିବ । ତେଣୁ ଭକ୍ତି ସହକାରେ ଚାହେଁ କଂସେଇକୁ । ନମସ୍କାର ଜଣାଏ ଆଗଦୁଇ ଗୋଡଟେକି । ଏହା ଦେଖି ମନେ ମନେ ଖୁସି ହୁଏ କଂସେଇ, ଛେଳି ଦେହରେ ହାତ ବୁଲାଇ ଆଣି ମନେ ମନେ ଚିନ୍ତାକରେ ଭଲ ମାଂସ ବାହାରିବ । ଭାରି ଛନଛନିଆ ହୋଇଛି । ଯାହା ପଇସା ପଡୁପଛେ, ଏଟାକୁ ନେଲେ ଖୁସିହେବେ ଗରାଖ ।

ଶେଷ ହେଲା ମୂଲଚାଲ । କଂସେଇକୁ ମିଳିଗଲା ତା' ମନଲାଖି ଛେଳି, କିନ୍ତୁ ବାନ୍ଧି ନେବାକୁ ଯେତେବେଳେ ଚେଷ୍ଟା କଲା କଂସେଇ, ସେତେବେଳେ ଅମଙ୍ଗ ହେଲା ଛେଳିଟି । ବାହାରୁନଥାଏ ଗୁହାଳରୁ, ନରେନ୍‌ର ବାପା, ମା' ଆଉଁସୁ ଥାନ୍ତି ବୁଝାଇବା ଢ଼ଙ୍ଗରେ, ଛେଳି ଛୁଆଟି ଚିନ୍ତାକଲା -

– ନରେନ୍ ପ୍ରଥମେ ପଢ଼ିବାକୁ ଯିବା ସମୟରେ ଏମିତି ଅମଙ୍ଗ ହେଉଥିଲା, ପରେ ଭଲ ପଢ଼ିଲା । ତେଣୁ ମୁଁ ଟିକେ ଅମଙ୍ଗ ନହେଲେ ଚଳିବ ।

କିଛି ସମୟପରେ କଂସେଇର ପଛେ ପଛେ ଚାଲିଲା ଛେଳି । ମନରେ ତା'ର ଅସରନ୍ତି ଖୁସି । ଗାଁ ଭିତରେ ଗଲାବେଳେ ଚାରିଆଡକୁ ଚାହିଁ ମେ ମେ ରଡ଼ିରେ ସମସ୍ତଙ୍କୁ ଜଣାଇ ଦେଉଥାଏ -

– ମୁଁ ପଢ଼ିବାକୁ ଯାଉଛି ।

କଂସେଇ ନେଇ ବାନ୍ଧିଲା ନିଜ ଗୁହାଳରେ । ପୂର୍ବରୁ ଆଠ ଦଶଟି ଛେଳି ବନ୍ଧା ହୋଇଥାନ୍ତି ଗୁହାଳରେ । ନିଜ ଜାତି ଭାଇଙ୍କୁ ଦେଖି ଖୁସି ହୋଇଗଲା ଛେଳି ଛୁଆଟି । ମନେ ମନେ ଚିନ୍ତା କରୁଥାଏ - ନରେନ୍ ଯେଭଳି ତାଙ୍କ ଶ୍ରେଣୀରେ ଫାଷ୍ଟ ହୁଏ, ମୁଁ ମଧ୍ୟ ଏଠି ହେବି ଫାଷ୍ଟ୍ , କିନ୍ତୁ ସେଠି ଥିବା ଛେଳିମାନଙ୍କର ମନରେ ଖୁସି ନଥାଏ । ସମସ୍ତେ କାନ୍ଦୁଥାନ୍ତି ଏମାନଙ୍କୁ ଦେଖି ବ୍ୟସ୍ତ ହୋଇ ପଡିଲା ଛେଳିଛୁଆଟି । ମନଦୁଃଖର କାରଣ ପଚାରିବାରୁ, ଅନ୍ୟ ଏକ ଛେଳି ଉତ୍ତର ଦେଲା -

– କ'ଣ ଆଉ ଖୁସି ଲାଗନ୍ତା, ଆଉଟିକେ ପରେ ଆମକୁ ମାରି ତା' ଗରାଖଙ୍କୁ ମାଂସ ବିକ୍ରି କରିବ କଂସେଇ । ମରଣକୁ କାହାର ଭୟ ନଥାଏ ।

ଏକଥା ଶୁଣି ପୂର୍ବର ଖୁସି ମଉଳିଗଲା ଛେଳିଟିର । ପାଠପଢ଼ା, କ୍ଲାସରେ ଫାଷ୍ଟହେବା ତା' ପାଇଁ ହୋଇଗଲା ପାଣିର ଗାର । ରଡ଼ିକଲା ଜୋର୍‌ରେ । ରଡ଼ିଶୁଣି ଛେଳିଟିର ମୁହଁକୁ କପଡାରେ ବାନ୍ଧିଦେଲା କଂସେଇ । ଛେଳିଟି କପଡାର ଚାପରେ ହୋଇଯାଉଥାଏ ଅଣନିଃଶ୍ୱାସୀ । କିଛି ସମୟରେ ଗରାଖମାନଙ୍କର ମାଂସ ପାଇଁ ପାଳିପଡିଲା ଛେଳିଟିର । ଜୋର୍ ଜବରଦସ୍ତ ଟୋକେଇରେ ବାନ୍ଧି ଦୋକାନକୁ ନେଇଗଲା କଂସେଇ ।

ନରେନ୍ ପଢୁଥିବା ସ୍କୁଲ ପାଖରେ ଥାଏ କଂସେଇର ଦୋକାନ । ସ୍କୁଲ୍ ଛୁଟିହେବାରୁ ଖୁସିରେ ଡେଇଁ ଡେଇଁ ନରେନ୍ ବାହାରୁଥାଏ ସ୍କୁଲ ହତାରୁ । ଛେଳିଟିର ନଜର ପଡ଼ିଲା ନରେନ୍ ଉପରେ, ଜୋର୍‌ରେ ରଡିକରି ଚାଲିଲା ନିଜ ବନ୍ଧୁକୁ ଦେଖି, କିନ୍ତୁ ଟାଇଟ୍ ହୋଇ

ବନ୍ଧାଯାଇଥିବା କପଡା ମଧ୍ୟରେ ରହିଗଲା ରଡ଼ି । ନରେନ୍ ଚାଲିଗଲା ଘରକୁ । କଂସେଇ ଦ୍ୱାରା ମାଂସ ତିଆରି ହୋଇଗଲା ଛେଳିଟି । ଛେଳିର ମାଂସକୁ ଖୁସିରେ ନେଉଥାନ୍ତି ଗରାଖ । ଏପାଖେ ଛେଳି ନଥିବାରୁ ନରେନ୍ ଖୋଜି ଚାଲିଲା ଚାରିଆଡ଼ । ବାପା, ମା' ଯେତେ ବୁଝାଇଲେବି ଅବୁଝା ହୁଏ ନରେନ୍ । ଛେଳି ବିଷୟରେ ପଚାରିବାରୁ ବାପା, ମା' ନୀରବରେ କହିଲେ -

— ବିକ୍ରି ହୋଇଯାଇଛି, କଂସେଇକୁ ।

ଏହାଶୁଣି ନରେନ୍ ଏକା ନିଃଶ୍ୱାସକେ ଦଉଡ଼ି ଚାଲିଲା କଂସେଇ ଦୋକାନକୁ । ଯିବା ବାଟରେ ଲୋକମାେ ସାଇକେଲ୍ ଓ ଗାଡ଼ିରେ ନେଇ ଆସୁଥାନ୍ତି ମାଂସ । ଖୁସିରେ କଥା ହେଉଥାନ୍ତି -

— ଆଜି ମାଂସଟା ପିଓର ଖାସିର । ଏତେ ଦିନପରେ ମାଂସର ଟିକେ ବାସ୍ନା ଅଛି ।

ଲୋକମାନଙ୍କର କଥାଶୁଣି ନରେନ୍ ଅଧିକ ଭୟଭୀତ ହେଉଥାଏ । କଂସେଇ ଦୋକାନ ପାଖରେ ପହଞ୍ଚି ଛେଳି ବିଷୟରେ ପଚାରିବାରୁ, ମୁଣ୍ଡ, ଚମଡ଼ା ଓ ପୁଟାକୁ ବାନ୍ଧିରଖିଥିବା ଏକ ପାଲ ପୁଟୁଳିକୁ ଦେଖାଇ ଦେଲା କଂସେଇ । ନିଜ ବନ୍ଧୁର କଟାମୁଣ୍ଡ ଦେଖି ରାହାଧରି କାନ୍ଦି ଚାଲିଲା ନରେନ୍ । ଛେଳିଟିର ଆଖି ଦୁଇଟିରୁ ଜଣାଯାଉଥାଏ, ସତେଯେପରି ସେ ନରେନ୍‌କୁ ଚାହିଁଛି ନରେନ୍ ପାଗଳପରି କଟାମୁଣ୍ଡ ସହ ଗପିଚାଲିଥାଏ ମାଂସପାଇଁ ଜମିଥିବା ଲୋକମାନେ ଉଭୟ ବନ୍ଧୁଙ୍କର ବନ୍ଧୁତ୍ୱ ଦେଖି କଥା ହେଉଥାନ୍ତି -

— ଆହା ! କେତେ ନିର୍ଦ୍ଦୟ ପିଲାଟାର ବାପା, ମା'; ପଇସା କେଇଟାପାଇଁ ଛେଳିଟିକୁ ବିକ୍ରି କରିଦେଲେ ।

ଓଡ଼ିଆ ଅଧ୍ୟାପକ,



Bastabatara Pariprakash
PRACHEE ■ Vol. 1 ■ Issue - 5 ■ August 2015 ■ Title Code : ODIODI07446

Printed, Published, Edited and Owned by Dr. Bibhudatta Khandayatray, Printed at Laxmi Offset Press, Nayabazar, Cuttack-4, Odisha & Published at Niladri Vihar, P.O. - Nayabazar, Cuttack - 4, Odisha, Mob. : 9437744194

Editor : **Dr. Bibhudatta Khandayatray** ସମ୍ପାଦକ : ଡ. ବିଭୁଦତ୍ତ ଖଣ୍ଡାୟତରାୟ